RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -124 | ସଂଖ୍ୟା-୧୨୪
ଭୁବନେଶ୍ୱର, ଶନିବାର ୨୫ ଜୁଲାଇ ୨୦୨୬
Bhubaneswar, Saturrday 25 July, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର





ଶ୍ରୀକ୍ଷେତ୍ରରେ ସରିଲା ବାହୁଡ଼ା ଯାତ୍ରା।

## ପୁଣି ବଡଦାଣ୍ଡରେ ଅଣନିଃଶ୍ୱାସଜନିତ ମୃତ୍ୟୁ

ଭୁବନେଶ୍ୱର/ପୁରୀ୨୪।୭(): ଆଜି (ଶୁକ୍ରବାର) ବାହୁଡା ଯାତ୍ରାରେ ପୁଣି ଜଣେ ଭକ୍ତଙ୍କ ଅଣନିଃଶ୍ୱାସରେ ମୃତ୍ୟୁ ଘଟିଥିବା ଜଣାଯାଇଛି। ମିଳିଥିବା ସୂଚନାନୁସାରେ, ସୁଭଦ୍ରା ରଥ ନିକଟରେ କଟକ ଜିଲ୍ଲାର ଅଭିରାମ ଦାସ (୫୭) ହଠାତ୍ ଅସୁସ୍ଥହୋଇପଡିଥିଲେ। ତାଙ୍କୁ ବଗଲା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇତିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅନେକ ଦିନ ଧରି ଉଚ୍ଚରକ୍ତଚାପରେ ପୀଡିତ ଥିବା ଜଣାଯାଇଛି। ତେବେ ଏହି ଘଟଣାରେ ପୁଲିସ ପ୍ରଶାସନ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନାହିଁ।

## ତାଲଚେର-ବିମଳାଗଡ଼ ନୂତନ ରେଳପଥ ପ୍ରକଳ୍ପ ପାଇଁ ୯୫୦ କୋଟିର ବଜେଟ୍

ନୂଆଦିଲ୍ଲୀ,୨୪।୭: : ଓଡ଼ିଶାର ଅନୁଗୁଳ, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଥିବା ୧୫୦ କିଲୋମିଟର ଦୀର୍ଘ ତାଳଚେର-ବିମଳାଗଡ଼ ନୂତନ ରେଳପଥ ପ୍ରକଳ୍ପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୯୫୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି।

ଏହି ପ୍ରକଳ୍ପଟି ୨୦୦୩-୦୪ ରେଳ ବଜେଟରେ ୭୨୭ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳ ସହ ସାମିଲ କରାଯାଇଥିଲା। ବର୍ତ୍ତମାନ ପ୍ରକଳ୍ପର ସର୍ବଶେଷ ବ୍ୟୟ ଅଟକଳ ୩,୩୯୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ମାର୍ଚ୍ଚ ୨୦୨୬ ସୁଦ୍ଧା ୧,୯୦୧ କୋଟି ଟଙ୍କା ବ୍ୟୟ କରାଯାଇଛି। ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଜମି ଅଧିଗ୍ରହଣରେ ପ୍ରତିରୋଧ ଏବଂ ଆଦାଲତରେ ମାମଲା ଯୋଗୁଁ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପ୍ରଭାବିତ ହୋଇଛି। ପ୍ରକଳ୍ପ ପାଇଁ ଆବଶ୍ୟକ ମୋଟ ୮୬୩ ହେକ୍ଟର ଜମି ମଧ୍ୟରୁ ୭୫୬ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି। ଏଥିରେ ୩୪୨ ହେକ୍ଟର ବେସରକାରୀ ଜମି, ୨୬୯ ହେକ୍ଟର ଜଙ୍ଗଲ ଜମି ଏବଂ ୧୪୬ ହେକ୍ଟର ସରକାରୀ ଜମି ସାମିଲ ରହିଛି। ଅବଶିଷ୍ଟ ୧୦୭ ହେକ୍ଟର ଜମି ଅଧିଗ୍ରହଣ ପ୍ରକ୍ରିୟାଧୀନ ରହିଛି।

ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମନ୍ତ୍ରଣାଳୟ ଅନୁଯାୟୀ, ତାଳଚେର-ଖମାର (୪୮ କିଲୋମିଟର) ରେଳପଥରେ ରେଳ ଚଳାଚଳ ଆରମ୍ଭ ହୋଇସାରିଛି। ଖମାର-ଗୋଲାବନ୍ଧ, ଗୋଲାବନ୍ଧ-ମହୁଲଡିହା ଏବଂ ମହୁଲଡିହା-ବିମଳାଗଡ଼ ଖଣ୍ଡରେ ଉପଲବ୍ଧ ଜମିରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଖଣ୍ଡଗୁଡ଼ିକରେ ଛୋଟ ସେତୁ, ରେଳ ଓଭରବ୍ରିଜ୍ (ଆରଓବି) ଏବଂ ରେଳ ଅଣ୍ଡରବ୍ରିଜ୍ (ଆରୟୁବି) ନିର୍ମାଣ କାର୍ଯ୍ୟ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଅଗ୍ରଗତି କରୁଛି। ମହୁଲଡିହା-ବିମଳାଗଡ଼ ଖଣ୍ଡ ପାଇଁ ବନ ଏବଂ ବନ୍ୟପ୍ରାଣୀ ସମ୍ପର୍କିତ ଆବଶ୍ୟକ ଅନୁମତି ମିଳିସାରିଛି।

ତଥାପି, ରେଳ ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ସମୟସୀମା ନିର୍ଦ୍ଦିଷ୍ଟ କରିନାହିଁ, ଏବଂ ଦର୍ଶାଇଛି ଯେ ସମାପ୍ତି ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ, ଉପଯୋଗୀତା ସ୍ଥାନାନ୍ତର, ବୈଧାନିକ ଅନୁମୋଦନ, ଭୌଗୋଳିକ ପରିସ୍ଥିତି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଭଳି କାରଣ ଉପରେ ନିର୍ଭର କରେ।

ରେଳ ମନ୍ତ୍ରଣାଳୟ ଆହୁରି ସୂଚନା ଦେଇଛି ଯେ ଓଡ଼ିଶାରେ ରେଳ ଭିତ୍ତିଭୂମି ଏବଂ ସୁରକ୍ଷା କାର୍ଯ୍ୟ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୧୦,୯୨୮ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ୨୦୦୯-୧୪ ଅବଧିରେ ହାରାହାରି ବାର୍ଷିକ ବଜେଟ୍ ଆବଣ୍ଟନ ୮୩୮ କୋଟି ଟଙ୍କା ଥିବା ବେଳେ ବର୍ତ୍ତମାନ ଏହା ୧୩ ଗୁଣରୁ ଅଧିକ ବୃଦ୍ଧି ପାଇଛି।

## ଏନ୍‌ଟିଏରେ ବଡ଼ ପରିବର୍ତ୍ତନ, ୪୭ ଅଧିକାରୀ ବରଖାସ୍ତ

ନୂଆଦିଲ୍ଲୀ୨୪।୭): : ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ବିବାଦ ଜାରି ରହିଥିବାବେଳେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଜାତୀୟ ପରୀକ୍ଷା ପରିଚାଳନା ସଂସ୍ଥା (ଏନ୍‌ଟିଏ)ର ୪୭ ଜଣଙ୍କୁ ବରଖାସ୍ତ କରିଛନ୍ତି । ସେହିପରି ସରକାର ଆସନ୍ତା ମାସରେ ଏନ୍‌ଟିଏରେ ଢାଞ୍ଚାଗତ ସଂସ୍କାର ଆଣିବେ ଏବଂ ଏନ୍‌ଟିଏ ଗଠନ ହେବା ପରଠାରୁ ଏହା ସବୁଠାରୁ ବଡ ପରିବର୍ତ୍ତନ ହେବ। ଏନ୍‌ଟିଏ ଦେଶରେ ନିଟ୍, ଜେଇଇ ମେନ୍ ଓ ସିୟୁଇଟି ସମେତ ପ୍ରାୟ ୧୫ରୁ ୨୦ ଜାତୀୟସ୍ତରୀୟ ପରୀକ୍ଷା ପରିଚାଳନା କରୁଛି।ମିଳିଥିବା ସୂଚନା ଅନୁଯାୟୀ, ଯେଉଁ ୪୭ ଅଧିକାରୀଙ୍କୁ ବହିଷ୍କାର କରାଯାଇଛି ସେମାନଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରସ୍ତାବିତ ପରିବର୍ତ୍ତନ ପ୍ରକ୍ରିୟାରେ ପୂରା ସଂସ୍ଥାର ପୁନର୍ଗଠନ କରାଯିବ। ଏଥିରେ କେବଳ ଅଳ୍ପ କିଛି ଅଧିକାରୀଙ୍କୁ ବହିଷ୍କାର କରାଯିବା ଉପରେ କାର୍ଯ୍ୟ ସୀମିତ ରହିବନି। ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷାଗୁଡିକର ଅଖଣ୍ଡତା ଓ ସୁରକ୍ଷା ସୁଦୃଢ଼ କରିବା ଲକ୍ଷ୍ୟରେ ସରକାର ଏହି ଯୋଜନା କରିଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଜିଦ୍‌ରେ ଅଟଳ ସିଜେପି

ନୂଆଦିଲ୍ଲୀ,୨୪।୭: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଜିଦ୍‌ରେ ଅଟଳ ରହିଛି କକ୍ରୋଚ୍ ଜନତା ପାର୍ଟି (ସିଜେପି)। ଏହି ଦାବିରେ କୌଣସି ବୁଝାମଣା କରାଯିବ ନାହିଁ ବୋଲି ଶୁକ୍ରବାର କେନ୍ଦ୍ର ସରକାରଙ୍କ ସହିତ ଅନୁଷ୍ଠିତ ଦ୍ୱିତୀୟ ବୈଠକରେ ସ୍ପଷ୍ଟ କରିଛି ସିଜେପି। ସେମାନଙ୍କର ଏହି ଦାବି ଉପରେ ନିଷ୍ପତ୍ତି ନେବା ପାଇଁ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ସରକାର ସମୟ ନେଇଥିବା ସିଜେପି ପକ୍ଷରୁ

### ଆଜି ପୁଣି ସରକାରଙ୍କ ସହ ବୈଠକ

କୁହାଯାଇଛି।

ଦିଲ୍ଲୀର କନଷ୍ଟିଚ୍ୟୁସନ୍ କ୍ଲବରେ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଓ ଜିତେନ୍ଦ୍ର ସିଂହଙ୍କ ସହିତ ପ୍ରାୟ ଦୁଇ ଘଣ୍ଟା ଧରି ବୈଠକ ହେବା ପରେ ସିଜେପି ଜାତୀୟ ମୁଖପାତ୍ର ଆଶୁତୋଷ ରାଙ୍କା କହିଛନ୍ତି ଯେ ସରକାର ସେମାନଙ୍କର ଦୁଇଟି ଦାବିରେ ସମ୍ମତି ପ୍ରକାଶ କରିଛନ୍ତି। ଆତ୍ମହତ୍ୟା କରିଥିବା ନିଟ୍‌ୟୁଜି ପରୀକ୍ଷାର୍ଥୀଙ୍କ ପରିବାରଗୁଡିକୁ ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବାକୁ ଓ ଆନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବାକୁ ଉଔଚ ଦାବି କରିଥିଲା। ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ଉପରେ ସରକାର ଆସନ୍ତାକାଲି



ଅପରାହ୍ନ ପର୍ଯ୍ୟନ୍ତ ସମୟ ମାଗିଛନ୍ତି। ଆମେ ଆଶା କରୁଛୁ ସରକାର ଶୀଘ୍ର ତାଙ୍କୁ ପଦରୁ ହଟାଇବେ।ସିଜେପି ନେତା ଏବଂ ସରକାରଙ୍କ ମଧ୍ୟରେ ତୃତୀୟ ପର୍ଯ୍ୟାୟ ବୈଠକ ଶନିବାର ଦିନ ଅନୁଷ୍ଠିତ ହେବ। ସରକାରଙ୍କ ପକ୍ଷରୁ ସିଜେପି ସହିତ ଆଲୋଚନା କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ଜିତେନ୍ଦ୍ର ସିଂହଙ୍କୁ ଦାୟିତ୍ୱ ଦିଆଯାଇଛି।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି ଯେ ଆଜିର ବୈଠକ 'ସୌହାର୍ଦ୍ଦ୍ୟପୂର୍ଣ୍ଣ' ଥିଲା। ସେମାନଙ୍କର ତିନୋଟି ମୁଖ୍ୟ ଦାବି ଏବଂ ପରୀକ୍ଷା ସଂସ୍କାର ପାଇଁ ପାଞ୍ଚଟି ପରାମର୍ଶ ଥିଲା। ଆମେ ସେମାନଙ୍କୁ କହିଛୁ ଯେ ଆସନ୍ତାକାଲି ଅପରାହ୍ନରେ ଆମେ ପୁଣି ଭେଟିବୁ।

ଶ୍ରୀ ନଡ୍ଡା ଆଜିର ବୈଠକକୁ ନେଇ ଅଧିକ ବିବରଣୀ ପ୍ରକାଶ କରିନାହାନ୍ତି। ସରକାର ଉଔଚର କୌଣସି ଦାବି ଗ୍ରହଣ କରିଛନ୍ତି କି ନାହିଁ ସେ ନେଇ ସେ କିଛି ସ୍ପଷ୍ଟ କରିନାହାନ୍ତି।

ମାସାଧିକ କାଳ ଧରି ଚାଲିଥିବା ଉଔଚର ଆନ୍ଦୋଳନର ମୁଖ୍ୟ ଦାବି ହେଉଛି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା। ଜୁଲାଇ ୨୦ ତାରିଖରେ ଛାତ୍ରଛାତ୍ରୀମାନେ ସଂସଦ ଆଡ଼କୁ ପଦଯାତ୍ରା କରିବାକୁ ଚେଷ୍ଟା କରିବା ସମୟରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ନଦେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଉଔଚ ଚେତାବନୀ ଦେଇଛି। ଅନ୍ୟପକ୍ଷରେ ପରୀକ୍ଷା ବ୍ୟବସ୍ଥାରେ ଉତ୍ତରଦାୟିତ୍ୱ, ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଏବଂ ବ୍ୟାପକ ପରୀକ୍ଷା ସଂସ୍କାର ସମ୍ପର୍କରେ ସଂସଦରେ ଆଲୋଚନା ହେବ ବୋଲି କେନ୍ଦ୍ର ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକ୍ ଗତକାଲି ରାତିରେ ୨୬ ଦିନର ଅନଶନ ଭଙ୍ଗ କରିଛନ୍ତି। ଆନ୍ଦୋଳନକାରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ହେବ ନାହିଁ ବୋଲି ତାଙ୍କର ଆଉ ଏକ ଦାବିକୁ ମଧ୍ୟ ସରକାର ଲିଖିତ ପ୍ରତିଶ୍ରୁତି ଦେଇ ମାନିନେଇଛନ୍ତି।

## ଅନଶନ ଭାଙ୍ଗିଲେ ସୋନମ ୱାଙ୍ଗଚୁକ୍

ନୂଆଦିଲ୍ଲୀ,୨୪।୭: ପରୀକ୍ଷା ବ୍ୟବସ୍ଥାରେ ଉତ୍ତରଦାୟିତ୍ୱ, ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଏବଂ ବ୍ୟାପକ ପରୀକ୍ଷା ସଂସ୍କାର ସମ୍ପର୍କରେ ସଂସଦରେ ଆଲୋଚନା ହେବ ବୋଲି କେନ୍ଦ୍ର ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ସେ ତାଙ୍କର ୨୬ ଦିନିଆ ଅନଶନ ଶେଷ କରିଛନ୍ତି ଶୁକ୍ରବାର କହିଛନ୍ତି ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକ୍। ଅନଶନ ଭାଙ୍ଗିବାର କିଛି ସମୟ ପରେ ରେକର୍ଡ କରାଯାଇ ଶୁକ୍ରବାର ସକାଳେ ଜାରି କରାଯାଇଥିବା ଏକ ଭିଡିଓ ବାର୍ତ୍ତାରେ ୱାଙ୍ଗଚୁକ୍ କହିଛନ୍ତି ଯେ ଜୁଲାଇ ୨୦ 'ଚଲୋ ପାର୍ଲାମେଣ୍ଟ' ପଦଯାତ୍ରାର ଅଂଶଗ୍ରହଣକାରୀଙ୍କ ସହିତ



ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନରେ ବସିଥିବା ଯୁବକଯୁବତୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ହେବ ନାହିଁ ବୋଲି ମଧ୍ୟ ସରକାର ଲିଖିତ ଆଶ୍ୱାସନା ଦେଇଛନ୍ତି।

ୱାଙ୍ଗଚୁକ୍ କହିଛନ୍ତି ଯେ ସେ ସରକାରଙ୍କ ପ୍ରତିଶ୍ରୁତି ଲିଖିତ ଆକାରରେ ପାଇବା ପାଇଁ ଜିଦ୍ ଧରିଥିଲେ। ଫଳରେ ଦୁଇ ଦିନ ଧରି ଗମ୍ଭୀର ଆଲୋଚନା ଚାଲିଥିଲା ଏବଂ ଏହି କାରଣରୁ ତାଙ୍କ ଅନଶନ ଆଉ ଦୁଇ ଦିନ ବୃଦ୍ଧି ପାଇଥିଲା। ଶେଷରେ ଲିଖିତ ପ୍ରତିଶ୍ରୁତି ଦିଆଯାଇଛି।

### ଏଚସିଏଲଟେକ୍ ଓ ସର୍ଭମ ଏଆଇ ସହ ସ୍ୱାକ୍ଷରିତ ହେଲା ଦୁଇଟି ଏମଓୟୁ

## ୯୫୦ କୋଟିରେ ଗ୍ଲୋବାଲ ଡେଭେଲପମେଣ୍ଟର ସେଣ୍ଟର ଓ ଏଆଇ ପାର୍କ

ଭୁବନେଶ୍ୱର,୨୪।୭: ଓଡ଼ିଶାର ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂତନ ବିପ୍ଳବର ଶୁଭାରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଲୋକସେବା ଭବନର କନଭେନସନ ସେଣ୍ଟର ଠାରେ ବିଶ୍ୱପ୍ରସିଦ୍ଧ 'ଏଚସିଏଲଟେକ୍ ' ଏବଂ ଦେଶର ସ୍ୱଦେଶୀ ଏଆଇ ସଂସ୍ଥା 'ସର୍ଭମ ଏଆଇ' (ସହିତ ଦୁଇଟି ଯୁଗାନ୍ତକାରୀ ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାରେ ଟେକ୍ନୋଲୋଜି-ଭିତିକ ଆର୍ଥିକ ଅଭିବୃଦ୍ଧି ଅଧିକ ସୁଦୃଢ଼ ହେବା ସହ ରାଜ୍ୟର ହଜାର ହଜାର ଉଚ୍ଚଶିକ୍ଷିତ ଓ କୁଶଳୀ ଯୁବକ-ଯୁବତୀଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଐତିହାସିକ ସହଯୋଗିତା ଅନୁଯାୟୀ, ଏଚସିଏଲଟେକ୍ ଓଡ଼ିଶାରେ ନିଜର ଏକ ଡେଭେଲପମେଣ୍ଟ ସେଣ୍ଟର' ପ୍ରତିଷ୍ଠା କରିବାକୁ ଯାଉଛି, ଯାହା ରାଜ୍ୟର ଆଇଟି ଇକୋସିଷ୍ଟମକୁ ବିଶ୍ୱସ୍ତରରେ ଏକ ନୂଆ ପରିଚୟ ଦେବ। ଏହି ସଂସ୍ଥାର ନାମ ହେଉଛି ଏଚସିଏଲଟେକ୍ ଗ୍ଲୋବାଲ ଡେଲିଭରି ସେଂଟର . ଏଥିସହିତ ଏଚସିଏଲଟେକ୍ ଏବଂ 'ସର୍ଭମ ଏଆଇ ର ମିଳିତ ସହଯୋଗରେ ଓଡ଼ିଶାରେ ଏକ 'ଏଆଇ-ଅପ୍ ?ଟିମାଇଜ୍ ଡାଟା ସେଂଟର' ମଧ୍ୟ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶାରେ ଏକ ସୋଭରେନ୍ ବା ସମ୍ପୂର୍ଣ୍ଣ ସ୍ୱଦେଶୀ ଏଆଇ ପାର୍କ ପ୍ରତିଷ୍ଠା କରାଯିବ। ଏହି ଡାଟା ସେଂଟର ଉକ୍ତ ଏଆଇ ପାର୍କ ମଧ୍ୟରେ ପ୍ରତିଷ୍ଠିତ ହେବ।

ଏଚସିଏଲ ଡେଭଲପମେଂଟ ସେଂଟର ପାଇଁ ପ୍ରାୟ ୭୩୦ କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି, ଯାହା ରାଜ୍ୟର ଡିଜିଟାଲ୍ ଇକୋସିଷ୍ଟମକୁ ବହୁତ ମଜବୁତ କରିବ। ଏହି ଗ୍ଲୋବାଲ୍ ଡେଲିଭରି ସେଂଟର ମାଧ୍ୟମରେ ଆମ ଓଡ଼ିଶାର ୬,୦୦୦ ରୁ ଅଧିକ ଉଚ୍ଚ ଶିକ୍ଷିତ ଏବଂ କୁଶଳୀ ଯୁବକ-ଯୁବତୀଙ୍କୁ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ।ସୂଚନାଯୋଗ୍ୟ ଯେ, ଏହି ଦୁଇଟି ପ୍ରକଳ୍ପରେ ଆସନ୍ତା ୫ ବର୍ଷରେ ପ୍ରାୟ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ଦୂରଦୃଷ୍ଟି ଯୋଗୁଁ ଆଜି ଭାରତ ଟେକ୍-ରେଡି ହୋଇପାରିଛି ଏବଂ ଓଡ଼ିଶା ଏହି ନବସୃଜନର ଅଗ୍ରଣୀ ନେତୃତ୍ୱ ନେଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଆମେ ବିଦେଶୀ ଏଆଇ ଉପରେ ନିର୍ଭର କରୁଥିଲୁ, କିନ୍ତୁ ଆଜି ଆମର ସ୍ୱଦେଶୀ ଏଆଇ




'ସର୍ଭମ', ବିଶ୍ୱର ଯେକୌଣସି ଟେକ୍ନୋଲୋଜି ସହ ସମକକ୍ଷ ହୋଇପାରିଛି। ଆଗାମୀ ଦିନରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର କରାଯିବ। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର କେବଳ ଖଣିଜ-କୈନ୍ଦ୍ରିକ ଶିଳ୍ପରେ ସୀମିତ ନରହି ସେମିକଣ୍ଡକ୍ଟର, ଏଆଇ, ଟେକ୍ସଟାଇଲ, ଫାର୍ମା ଓ ଆଇଟି ଭଳି ନୂତନ କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି।

ସୂଚନାଯୋଗ୍ୟ ଯେ, ସର୍ଭମ୍ ଏଆଇ ଓଡିଆ ସହିତ ସମସ୍ତ ପ୍ରମୁଖ ଭାରତୀୟ ଭାଷାରେ ଏଆଇ ପ୍ଲାଟଫର୍ମ ଓ ଏଆଇ ଆପ୍ଲିକେସନ୍ ପ୍ରସ୍ତୁତ କରିବାରେ ସଫଳ ହୋଇଛି। ଓଡିଶାରେ ଏହି ଏଆଇ ପାର୍କ ଓ ଡାଟା ସେଂଟର ପ୍ରତିଷ୍ଠା ହେବା ଫଳରେ ଓଡିଶାରୁ ହିଁ ଓଡିଆ ସହିତ ବିଭିନ୍ନ ଭାରତୀୟ ଭାଷାରେ କୃତ୍ରିମ ବୁଦ୍ଧିମତାର ସେବା ଉପଲବ୍ଧ ହୋଇପାରିବ।

ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଦୁଇ ବର୍ଷରେ ୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ଆସିଛି, ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହୋଇସାରିଛି। ସମ୍ପ୍ରତି ନୀତି ଆୟୋଗଙ୍କ ନୂତନ 'ଇନଭେଷ୍ଟମେଂଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ - ୨୦୨୬' ରେ ଓଡ଼ିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ଏବଂ ଆମର ଲକ୍ଷ୍ୟ ଖୁବ୍ ଶୀଘ୍ର ଟପ୍ ୩ ରେ ପହଂଚିବା।

ନୂଆ ଶିଳ୍ପ ନୀତି, ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଏବଂ ଲ୍ୟାଣ୍ଡ ବ୍ୟାଙ୍କ ବ୍ୟବସ୍ଥା ଯୋଗୁଁ ଚୁକ୍ତି ସ୍ୱାକ୍ଷରଠାରୁ ପ୍ରକଳ୍ପ ଆରମ୍ଭ ହେବା ସମୟସୀମାକୁ ୧୦୦ ଦିନରୁ କମ୍ କୁ ହ୍ରାସ କରାଯାଇଛି। ଏଚସିଏଲଟେକ୍ , ସର୍ଭମ୍ ଏଆଇ ଏବଂ ସମସ୍ତ ନିବେଶକଙ୍କୁ ସମ୍ପୂର୍ଣ୍ଣ ସରକାରୀ ସହଯୋଗର ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବଡ଼ ନିବେଶ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ରାଜ୍ୟରେ ନିବେଶ କରିବା ପାଇଁ 'ୟହି ସମୟ ହୈ, ସହି ସମୟ ହୈ' ।ଏହି ଅବସରରେ, ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହାକୁ ଓଡ଼ିଶା ପାଇଁ ଏକ ଅତ୍ୟନ୍ତ ଗୌରବପୂର୍ଣ୍ଣ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ଏହାଦ୍ୱାରା ରାଜ୍ୟର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି କ୍ଷେତ୍ର ପ୍ରଗତିର ଏକ ନୂତନ ଶିଖରକୁ ଛୁଇଁବାକୁ ଯାଉଛି। ଓଡ଼ିଶା ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ଏଚସିଏଲ୍ ଟେକ୍ନୋଲୋଜିକୁ ଧନ୍ୟବାଦ ଜଣାଇଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ନୀତି ଆୟୋଗର ସମ୍ପ୍ରତି ରିପୋର୍ଟ ଅନୁସାରେ ନିବେଶ ପାଇଁ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ରହିଛି, ଯାହା 'ଡିଜିଟାଲ୍ ଇଣ୍ଡିଆ'ର ସ୍ୱପ୍ନକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପ୍ରକାଶ କରିଛନ୍ତି।

ଏହି ଅବସରରେ, ଓଡ଼ିଶାରେ ନିବେଶ କରିବା ପାଇଁ ଏଚସିଏଲ୍ ପ୍ରଯୁକ୍ତିବିଦ୍ୟା ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏଚସିଏଲ୍ ଚେୟାରପର୍ସନ୍ ରୋଶନୀ ନାଦର ମାଲହୋତ୍ରା ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରି ସେ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଏଚସିଏଲ୍ ରାଜ୍ୟରେ ନିଜର ଆଗାମୀ ନିବେଶ ଯୋଜନା ଆରମ୍ଭ କରିବାକୁ ଯାଉଛି। ନିକଟରେ ଓଡ଼ିଶାରେ ସଫଳତାର ସହ ଆୟୋଜିତ ହୋଇଥିବା ଏଆଇ ସମ୍ମିଳନୀ ପ୍ରମାଣିତ କରିଛି ଯେ ରାଜ୍ୟ କୃତ୍ରିମ ବୁଦ୍ଧିମତା ଭିତିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣ ସମର୍ଥ ଓ ପ୍ରସ୍ତୁତ ରହିଛି। ଏହି ଅବସରରେ ସେ ଓଡ଼ିଶାରେ ଏକ ସ୍ୱତନ୍ତ୍ର 'ଏଆଇ ପାର୍କ' ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିବା ସହ ଏହା ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପ୍ରକାଶ କରିଛନ୍ତି। ଏହି ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ଏଚସିଏଲଟେକ୍ ର ସିଇଓ ତଥା ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ସି. ବିଜୟକୁମାର, ସର୍ଭମ ଏଆଇ ର ସିଇଓ ଶ୍ରୀ ପ୍ରତ୍ୟୁଷ କୁମାର, ଶିଳ୍ପ ଓ ଶିକ୍ଷା ଜଗତର ବିଶିଷ୍ଟ ବ୍ୟକ୍ତିବୃନ୍ଦ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଆଧିକାରିକଗଣ ଉପସ୍ଥିତ ଥିଲେ।

### ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା : ସିଇସି

ଭୁବନେଶ୍ୱର ,୨୪।୭): : ଉପକୂଳବର୍ତୀ ପଶ୍ଚିମବଙ୍ଗ ଓ ସଂଲଗ୍ନ ବଙ୍ଗୋପସାଗର ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟର ପ୍ରଭାବରେ ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉପକୂଳବର୍ତୀ ପଶ୍ଚିମବଙ୍ଗ ଓ ଉତର ଉପକୂଳ ଓଡ଼ିଶା ଅଂଚଳରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ସୋଆ(ଶିକ୍ଷା 'ଓ' ଅନୁସନ୍ଧାନ) ଡିମ୍ଡ ଟୁ ବି ୟୁନିଭର୍ସିଟି ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ କୁହାଯାଇଛି ।ସିଇସି କହିଛି ଯେ, ପାଣିପାଗ ପ୍ରଭାବରେ ଜୁଲାଇ ୨୫ରୁ ୨୮ ତାରିଖ ମଧ୍ୟରେ ରାଜ୍ୟର ଉତର ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି ।

### କେନ୍ଦ୍ର ମନ୍ତ୍ରୀ ପଦରୁ ରବନୀତ ସିଂ ବିଟ୍ଟୁଙ୍କ ଇସ୍ତଫା

ନୂଆଦିଲ୍ଲୀ୨୪।୭: :କେନ୍ଦ୍ର ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ ବିଟ୍ଟୁ ଶୁକ୍ରବାର କେନ୍ଦ୍ର ମନ୍ତ୍ରୀ ପରିଷଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ରାଷ୍ଟ୍ରମନ୍ତ୍ରୀ ବିଟ୍ଟୁଙ୍କ ଇସ୍ତଫାପତ୍ରକୁ ଇସ୍ତଫା ଗ୍ରହଣ କରିଛନ୍ତି ରାଷ୍ଟ୍ରପତି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ସରକାରୀ ବିବୃତି ଜାରି କରାଯାଇଛି ।ବିବୃତି ଅନୁଯାୟୀ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ସମ୍ବିଧାନର ଧାରା ୭୫(୨) ଅନୁସାରେ ବିଟ୍ଟୁଙ୍କ ଇସ୍ତଫା ଗ୍ରହଣ କରିଛନ୍ତି।

ଆଞ୍ଚଳିକ ମନ୍ଥନ
ଶନିବାର, ୨୫ ଜୁଲାଇ ୨୦୨୬, ଭୁବନେଶ୍ୱର Saturday, 25 July 2026, Bhubaneswar
ପୃଷ୍ଠା ୨



# ପଦ୍ମ ଫୁଲ ତୋଳିବାକୁ ଯାଇ ପୋଖରୀର ଥିବା ଦଳରେ ଛନ୍ଦି ହୋଇ ବୃଦ୍ଧଙ୍କ ମୃତ୍ୟୁ

କବିସୂର୍ଯ୍ୟନଗର,୨୪।୭ :(ମନ୍ଥନ)ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ନୁଆଁବେଢା ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି।ମୃତ ଜଣକ ହେଲେ କବିସୂର୍ଯ୍ୟନଗର ଆଇ ବି ଛକ ନିକଟର ଗନ୍ତେଇ ଗୌଡ଼ ବୋଲି ଜଣା ପଡିଛି।ସୂଚନା ମୁତାବକ ଗନ୍ତେଇ ଗୌଡ଼ ଆଜି ସକାଳୁ ସକାଳୁ ଏହି ପୋଖରୀକୁ ପଦ୍ମ ଫୁଲ ତୋଳିବା ପାଇଁ ଆସିଥିବା ବେଳେ ପୋଖରୀ ମଝିରେ ପଦ୍ମ ଦଳରେ ଗୋଡ଼ ଛନ୍ଦି ହୋଇଯାଇ ରହିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ ଗଭୀର ଜଳ ଥିବାରୁ ଉଦ୍ଧାର କରିପାରିନଥିଲେ, ଯାହାକୁ ନେଇ ନିକଟସ୍ଥ ଅଗ୍ନିଶମ ବାହିନୀଙ୍କୁ ଖବର ଦେବାପରେ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ଅନ୍ୟପଟେ ଘଟଣା ସ୍ଥଳରେ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ଶବ ଜବତ କରିବା ସହ ଶବ ବ୍ୟବଛେଦ ପାଇଁ ପଠାଇଥିବା ସୂଚନା ମିଳଛି।

# ଆଦ୍ୟାଶକ୍ତି ନାରୀ ସଂଗଠନର ଭଜନ କାର୍ଯ୍ୟକ୍ରମ

ବଲାଙ୍ଗିର,୨୪।୭ :(ମନ୍ଥନ)ବଲାଙ୍ଗିର ର ଅଗ୍ରଣୀ ସ୍ୱେଚ୍ଛାସେବୀ ନାରୀ ଅନୁଷ୍ଠାନ ଆଦ୍ୟାଶକ୍ତି ନାରୀ ସଂଗଠନର ଏକ ଜଣାଣ କାର୍ଯ୍ୟକ୍ରମ ଦୈନିକ ବଜାର ସ୍ଥିତ ରାମ ଚରିତ ମାନସ ମନ୍ଦିରେ ଗନ୍ଧ ମନ୍ଦିର ଜଗନ୍ନାଥଙ୍କ ମାଉସୀ ଘରେ ଦଶ ଅବତାର ଅବସରରେ ସଭାପତି ମାଳତି ଉଦ୍‌ଗାତା ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଜଣାଣ କାର୍ଯ୍ୟକ୍ରମରେ ଆରତି ଗୁରୁ, ରାଜଶ୍ରୀ ତ୍ରିପାଠୀ, ସୌଦାମିନୀ ମିଶ୍ର, ରଶ୍ମି ପାତ୍ର, ସଂଯୁକ୍ତା ମିଶ୍ର, ଯଶୋବନ୍ତୀ ମିଶ୍ର, ସସ୍ମିତା ସାହୁ, ବୁଇ ମହାରଣା, ଡ. ପ୍ରେମଚନ୍ଦ ମହାନ୍ତି, କେଶବ ଚନ୍ଦ୍ର ମିଶ୍ର, ମଦନ ମୋହନ ରଥ ପ୍ରମୁଖ ଜଣାଣ ଓ ଭଜନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚୁଡେନ୍ଦ୍ର କୁମାର ବେହେରା, ଦୁର୍ଗା ସାହୁ, ସୌମ୍ୟା ସେଫାଳିକା ମିଶ୍ର, ଚର୍ଚ୍ଚିତା ମିଶ୍ର, ଅରୁଣ ଖୁଆସ ଓ କମଳିନୀ ଗନ୍ଧ ପ୍ରମୁଖ ସହଯୋଗ କରିଥିଲେ ।

# ୭୫ ବର୍ଷ ପରେ ମାଝୀଗୁଡାରେ ବିଜେପିର ପ୍ରଥମ ମଣ୍ଡଳ କାର୍ଯ୍ୟାଳୟ ଉଦ୍‌ଘାଟିତ

କଲ୍ୟାଣସିଂହପୁର, ୨୪।୭ :(ମନ୍ଥନ)ରାୟଗଡ଼ା ଜିଲ୍ଲାର ମାଝୀଗୁଡା ମଣ୍ଡଳରେ ଭାରତୀୟ ଜନତା ପାର୍ଟି (ବିଜେପି)ର ପ୍ରଥମ ମଣ୍ଡଳ କାର୍ଯ୍ୟାଳୟ ଉଦ୍ ?ଘାଟିତ ହୋଇଛି। ସ୍ଥାନୀୟ ମଣ୍ଡଳ ସଭାପତିଙ୍କ କହିବା ଅନୁସାରେ ୧୯୫୧ ମସିହାରେ ଦଳ ପ୍ରତିଷ୍ଠା ପରଠାରୁ ୨୦୨୬ ପର୍ଯ୍ୟନ୍ତ ପ୍ରାୟ ୭୫ ବର୍ଷ ମଧ୍ୟରେ କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ମଣ୍ଡଳରେ ଏହା ପ୍ରଥମ ସ୍ଥାୟୀ ମଣ୍ଡଳ କାର୍ଯ୍ୟାଳୟ ହୋଇଥିବା ଦାବି କରାଯାଇଛି।ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଗୋପିଆନନ୍ଦ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରଜିତା କରଡ଼ା, ମାଝୀଗୁଡା ମଣ୍ଡଳ ସଭାପତି ଅନିଲ



କୁମାର ଜାଡିଙ୍କ ସହ ଦଳର ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ଅତିଥିମାନେ କାର୍ଯ୍ୟାଳୟ ଉଦ୍‌ଘାଟନ କରି ଏହା ମଣ୍ଡଳ ସ୍ତରରେ ସାଙ୍ଗଠନିକ କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ କରିବା ସହ ଦଳୀୟ କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ହେବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ନୂତନ କର୍ମୀଙ୍କୁ ଦଳ ସହ ଯୋଡ଼ିବା ଏବଂ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତା, ପଦାଧିକାରୀ ଓ ସ୍ଥାନୀୟ କର୍ମୀମାନେ ଯୋଗଦେଇ ନବଗଠିତ ମଣ୍ଡଳ କାର୍ଯ୍ୟାଳୟ ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ବୁଗୁଡ଼ା ବଡଦାଣ୍ଡରେ ଶ୍ରୀ ଜଗନ୍ନାଥ ଭଜନ ସମାରୋହ

ବୁଗୁଡା,୨୪।୭ :(ମନ୍ଥନ) ସ୍ଥାନୀୟ ବଡଦାଣ୍ଡସ୍ଥିତ ମାଉସୀ ମା ମନ୍ଦିର ସମ୍ମୁଖରେ ଗତ ଗୁଣ୍ଡିଚା ଯାତ୍ରା ଦିନଠାରୁ ଶ୍ରୀ ଜଗନ୍ନାଥ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି । ଉକ୍ତ କାର୍ଯ୍ୟକ୍ରମକୁ ବିରଞ୍ଚି




ନାରାୟଣ ମନ୍ଦିର ମଠାଧୀଶ ଭକ୍ତରାମ ଦାସ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସ୍ୱାକ୍ତ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି କଣ୍ଠଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅଷ୍ଟଦିବସୀୟ କାର୍ଯ୍ୟକ୍ରମ ଅବସରରେ ହରିହର ସ୍ୱାଇଁଙ୍କ ସଂଯୋଜନାରେ ସ୍ଥାନୀୟ କଣ୍ଠଶିଳ୍ପୀ ନିତ୍ୟାନନ୍ଦ ସାହୁ, କେଦାର ନାୟକ, ଗୌରୀ ସାହୁ, ମୃତ୍ୟୁଞ୍ଜୟ ହୋତା, କେଦାର ବେହେରା, ସଂଧ୍ୟାରାଣୀ ସାହୁ, ସୁରେନ୍ଦ୍ର ପାଣି, ଝରଣା ବିଷୋୟୀ, ଜୀବନ ସଂଗ୍ରାମ ହୋତା, କାହ୍ନୁ ବେହେରା, ସଞ୍ଜୟ ଷଡଙ୍ଗୀ, ମାନସ ରଞ୍ଜନ ହୋତା ଭଜନ ପରିବେଷଣ କରିଥିଲା ବେଳେ ଅନିଲ, ପଦ୍ମ, କୃଷ୍ଣ, ସୁରେନ୍ଦ୍ର, ବାବୁଲା ଓ ଦିପକ ପ୍ରମୁଖ ବାଦ୍ୟଯନ୍ତ୍ର ପରିଚାଳନା କରିଥିଲେ । ନୈନିକ ସନ୍ଧ୍ୟାରେ ବହୁ ସଂଖ୍ୟକ ଶ୍ରୋତାଙ୍କ ସମାବେଶ ଘଟୁଥିବା ଦେଖିବାକୁ ମିଳିଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକସଭା

ବୁଗୁଡ଼ା,୨୪।୭ :(ମନ୍ଥନ)ବାଲିପଦର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଧ୍ରୁବ ଚରଣ ପାଣିଗ୍ରାହୀଙ୍କ ହୃଦଘାତ ଯୋଗୁଁ ଦେହାନ୍ତ ହୋଇଥିଲା ।ତାଙ୍କର ବିୟୋଗରେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ନ୍ୟାସ ପକ୍ଷରୁ ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଏକ ଶୋକସଭା ନ୍ୟାସ ସଭାପତି ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଆତ୍ମାର ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାଶ, କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ରଥ, ଯୁଗ୍ମ ସମ୍ପାଦକ ଗୌରୀପତି ଦାଶ, କାର୍ଯକାରୀ ପରିଷଦ ସଦସ୍ୟ ମନୋରଞ୍ଜନ ଦାଶ, ନଗେନ୍ଦ୍ର ନାଥ ଷଡଙ୍ଗୀ, ପଦ୍ମଲୋଚନ ଗୌଡ଼, ପ୍ରମୁଖ ସ୍ୱର୍ଗତ ପାଣିଗ୍ରାହୀଙ୍କ ଛାତ୍ରବତ୍ସଳତା ଓ କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ସ୍ମରଣ କରିଥିଲେ। ଏଥି ସହ ସାଧାରଣ ସମ୍ପାଦକ ହରେକୃଷ୍ଣ ପାତ୍ର ପ୍ରତିଷ୍ଠା ଓ ଏହାର ଅଗ୍ରଗତିରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଅବଦାନ ସମ୍ପର୍କେ ସ୍ମରଣ କରାଇଥିଲେ।

# ପ୍ରଧାନ ଶିକ୍ଷକ ମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗୀର,୨୪।୭ :(ମନ୍ଥନ) ସ୍ଥାନୀୟ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବଲାଙ୍ଗୀର ଜିଲ୍ଲା ର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମାନଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ।ନିଜ ବକ୍ତବ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମିଶ୍ର ପ୍ରଶାସନିକ ଓ ଶୈକ୍ଷିକ ସଂସ୍କାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଥିଲେ ଯେ,ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱ ହିଁ ସବୁଠାରୁ ବଡ଼ ଶକ୍ତି ।ବିଦ୍ୟାଳୟରେ ଶୃଙ୍ଖଳା,ସୃଜନଶୀଳତା ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ଦିଗରେ ସମସ୍ତେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେବା ସହ ଚଳିତ ବର୍ଷ ମାଧ୍ୟମିକ ପରୀକ୍ଷାରେ ବଲାଙ୍ଗୀର ଜିଲ୍ଲା ରୁ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଏ-୧ ଗ୍ରେଡ଼ ହାସଲ କରିବେ ସେ ଦିଗରେ ଯତ୍ନବାନ ହେବା ସହ ବିଦ୍ୟାଳୟଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତ କରି ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ନିୟମିତ ଶୈକ୍ଷିକ ସହଯୋଗ,ମଡେଲ ଟେଷ୍ଟ ଫଳାଫଳ ର ସମୀକ୍ଷା ଓ ଅଭିଭାବକଙ୍କ ସହ ସମନ୍ୱୟ ରକ୍ଷା




କରି ଉନ୍ନତ ଫଳାଫଳ ଆଣିବାକୁ ପରାମର୍ଶ ଦେଇଥିଲେ ।ଜିଲ୍ଲା ର ସାମଗ୍ରିକ ସଫଳତା ବୃଦ୍ଧି ସହ ଏ-୧ ଗ୍ରେଡ଼ ପ୍ରାପ୍ତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢାଇବା ହିଁ ସମସ୍ତଙ୍କ ପ୍ରମୁଖ ଲକ୍ଷ୍ୟ ହେବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।ଏଡିଇଓ ପ୍ରବୀର କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ଦକ୍ଷତା ବିକାଶ ଯୋଜନା,ବିଦ୍ୟାଳୟ ସୁରକ୍ଷା ଯୋଜନା,ଶିକ୍ଷକଙ୍କୁ ମାର୍ଗଦର୍ଶକ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସେ କହିଥିଲେ ଯେ,ଏକ ଆଦର୍ଶ ବିଦ୍ୟାଳୟ କେବଳ ଶୈକ୍ଷିକ ସଫଳତାରେ ସୀମିତ ନ ରହି ଛାତ୍ରଛାତ୍ରୀଙ୍କ ସୁରକ୍ଷା,ମାନସିକ ବିକାଶ ଓ ସର୍ବାଙ୍ଗୀଣ ଉନ୍ନତିକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ।ପ୍ରତ୍ୟେକ ପ୍ରଧାନ ଶିକ୍ଷକ ନିଜ ବିଦ୍ୟାଳୟ ପାଇଁ ସୁଦୂରପ୍ରସାରୀ ଦକ୍ଷତା ବିକାଶ ଯୋଜନା ପ୍ରସ୍ତୁତ କରିବା ସହ ସୁରକ୍ଷିତ,ଶୃଙ୍ଖଳିତ ପରିବେଶ ସୃଷ୍ଟି କରିବା ଦିଗରେ ନେତୃତ୍ୱ ନେବା ଉଚିତ ।ସେହିପରି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ବିଭିନ୍ନ ସରକାରୀ ଯୋଜନା ଓ ପ୍ରଶାସନିକ କାର୍ଯ୍ୟ ସମ୍ପର୍କରେ ପ୍ରଧାନ ଶିକ୍ଷକ ମାନଙ୍କୁ ସଚେତନ କରିବା ସହ ନିଜ ବିଦ୍ୟାଳୟ କୁ ଗୁଣାତ୍ମକ ଶିକ୍ଷାର ଆଦର୍ଶ କେନ୍ଦ୍ରରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶ୍ରୀ ରୀନା କୁମାରୀ ବେହେରା ଶୈକ୍ଷିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପରୀକ୍ଷା ପରିଚାଳନା ସମ୍ପର୍କରେ ସବିଶେଷ ମାର୍ଗଦର୍ଶନ ଦେବା ସହ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ସଂଖ୍ୟାକୁ ଧ୍ୟାନରେ ରଖି ବିଦ୍ୟାଳୟ ସ୍ତରରେ କାର୍ଯ୍ୟ କରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ରେ ପିଲାମାନଙ୍କୁ ନାମ ଲେଖାଇ ମୁଖ୍ୟ ସ୍ରୋତ କୁ ଆଣିବାରେ ପ୍ରଧାନ ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ ।ପରବର୍ତ୍ତୀ ଅଧିବେଶନ ଗୁଡିକରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସେକ୍ସନ ଅଫିସର ସୁଦାମ ମଲ୍ଲିକ କାର୍ଯ୍ୟାଳୟ ପ୍ରଶାସନ ଉପରେ କହିଥିବା ବେଳେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ନିଜ ବକ୍ତବ୍ୟରେ କ୍ରୀଡ଼ା,ସ୍କାଉଟ ଓ ଗାଇଡ଼ ସମ୍ପର୍କରେ କହିଥିଲେ ।ପଞ୍ଚସଖା ଶିକ୍ଷା ସେତୁ ର ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ପାଣିଗ୍ରାହୀ ବିଜ୍ଞାନ କାର୍ଯ୍ୟକ୍ରମ ଓ ବିଭିନ୍ନ ଶିକ୍ଷାଗତ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ମୁରିବାହାଲ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ପଢିହାରୀ ଉପସ୍ଥିତ ଥିଲେ ।ଶେଷରେ ଧନ୍ୟବାଦ ଦେଇଥିଲେ ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷିନୀ ସେଠୀ।

# ମାଇଁ ଆଲୁମନି ଆସୋସିଏସନ ପକ୍ଷରୁ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ

କେନ୍ଦ୍ରାପଡ଼ା,୨୪।୭ :(ମନ୍ଥନ)ମାଇଁ ଆଲୁମନି ଆସୋସିଏସନ ପକ୍ଷରୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ଆଲୁମନି ଗାର୍ଡେନରେ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଦାସଙ୍କ କରକମଳରେ ଏକ ବୃକ୍ଷର ଚାରା ରୋପଣ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ବିଭିନ୍ନ ବୃକ୍ଷର ଚାରା ରୋପଣ କରି ପରିବେଶ ସଂରକ୍ଷଣ ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ବିଶ୍ୱରଞ୍ଜନ ପୁହାଣ, ଏନସିସି ବାଳିକା ବିଭାଗ ଏଏନଓ କ୍ୟାପଟେନ ସୀମା ମହାନ୍ତି,ଏନସିସି ବାଳକ ବିଭାଗ ଏଏନଓ ରଜନୀକାନ୍ତ ତ୍ରିପାଠୀ,ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧାପିକା ପୂର୍ବାଶା ପ୍ରିୟଦର୍ଶିନୀ, ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ତୁଷାରକାନ୍ତି ଭୂୟାଁ, ମାଇଁ ଆଲୁମନି ଆସୋସିଏସନ ସଭାପତି ପୂର୍ଣ୍ଣିମା ବିଶ୍ୱାଳ, ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ,ଏନସିସିର ବାଳକ ଓ ବାଳିକା ବିଭାଗର କ୍ୟାଡେଟ୍‌ମାନଙ୍କ ସମେତ ଅଧ୍ୟାପକ,ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।

# ସେବା ନିବୃତ ସମ୍ବର୍ଦ୍ଧନା ଉତ୍ସବ

ମାହାଙ୍ଗା, ୨୪।୭ :(ମନ୍ଥନ) ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଉଁରିଆ ପଞ୍ଚାୟତ ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପନ୍ଦରବାଟିଆରେ ସେବା ନିବୃତ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରୀକ୍ଷିତ ବାରିକ ଅଧକ୍ଷତା କରିଥିବା ବେଳେ ସମାଜସେବୀ ବିଚିତ୍ରାନନ୍ଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ବିଦାୟୀ ଶିକ୍ଷକଙ୍କର ଗୁଣ ଗାନ କରିଥିଲେ ।ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏ ବି ଇ ଓ ସୋମନାଥ ରାମ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଟକୃଷ୍ଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଧର ପାଳ, ହିନ୍ଦୀ ଶିକ୍ଷକ ବନ ବିହାରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସଂସ୍କୃତ ଶିକ୍ଷକ ସନ୍ତୋଷ କୁମାର ଷଡଙ୍ଗୀ ।ସଭା ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ବିଦୟୀ ସଂଗୀତ ପରିବେଷଣ କରା ଯାଇଥିଲା । କାର୍ଯ୍ୟକ୍ରମରେ ନହଙ୍ଗ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନନ୍ଦ, ଭଗବତୀ ବିଦ୍ୟା ପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କୁମାର ଦାସ, ଜାନକୀ ବଲ୍ଲଭ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଣବ କିଶୋର ନାୟକ, ହନୁମାନ ଜୀଉ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁ, ବିନୋଦ ବିହାରୀ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସ୍ୱାଇଁ, ଅଚ୍ୟୁତାନନ୍ଦ ପଞ୍ଚାୟତ ହାଇସ୍କୁଲ ଗୋକୁଳପୁର ପ୍ରଧାନ ଶିକ୍ଷକ କାହ୍ନୁ ସାମଲ, ଗୋକନ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶାନ୍ତ ନାୟକ ଓ ଅନ୍ୟ ବିଦ୍ୟାଳୟ ମାନଙ୍କର ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ଉତ୍ସବରେ ବିଦାୟୀ ଶିକ୍ଷକ ବନ ବିହାରୀ ରାଉତଙ୍କୁ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ମାନେ ମାନ ପତ୍ର, ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଓ ଉପ ଢୌକନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ, ଶିକ୍ଷୟତ୍ରୀ ତଥା ଭରତ କୁମାର ଦାସ, କବିତା ଖୁଣ୍ଟିଆ, ପ୍ରଦୀପ୍ତ କୁମାର ବିଶ୍ୱାଳ, ସରକାରୀ ପନ୍ଦର ବାଟିଆ ପ୍ରାଥମିକ ପ୍ରଧାନ ଶିକ୍ଷୟତ୍ରୀ ଶୁଭଶ୍ରୀ ନାୟକ,ନବ କିଶୋର ବେହେରା, ସି ଆର ସି ସି ବୈଲୋଚନ ବରାଳ, ରାମ ରାମ ଷଡଙ୍ଗୀ,ଉପେନ୍ଦ୍ର କୁମାର ସାମଲ, ଚନ୍ଦ୍ର ଶେଖର ନାୟକ, ହିମାଂଶୁ ଭୂଷଣ ପାଳ, ଆଲମୁନି କମିଟି ସଭାପତି ବିବେକାନନ୍ଦ ଦାସ, ଏସ ଏମ ସି ସଭାପତି ଅଭିରାମ ରାଉତ, ପୂର୍ବତନ ଛାତ୍ର ତୁଷାର କାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ ।ଏଥିରେ କମିଟି ସଦସ୍ୟ ସଦସ୍ୟା, ଛାତ୍ର ଛାତ୍ରୀ ଅଭିଭାବକ ମାନେ ଯୋଗ ଦେଇଥିଲେ /ଶେଷରେ ଶିକ୍ଷକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ

ବୁଗୁଡା,୨୪।୭ :(ମନ୍ଥନ) ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ନିଟ୍ ପରୀକ୍ଷା ପେପର ଲିକ୍ ଯୋଗୁଁ ମୃତ ଛାତ୍ରଛାତ୍ରୀଙ୍କୁ କ୍ଷତିପୂରଣ ଦାବିରେ ବୁଗୁଡାରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ହାଇସ୍କୁଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ଅବସରରେ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବୁଗୁଡା ବ୍ଲକ କଂଗ୍ରେସ ସଭାପତି



ଜାନକୀ ବଲ୍ଲଭ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନଗର ସଭାପତି ସୁବ୍ରତ କୁମାର ପଟ୍ଟନାୟକ, ପିସିସି ସଦସ୍ୟ ସୁଜିତ କୁମାର ସ୍ୱାଇଁ, ମାନସ ରଞ୍ଜନ ଦାଶ, ସିମାଞ୍ଚଳ ଖଟେଇ, ପୋଲସରା ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ଜେନାଙ୍କ ସମେତ ଆସ୍କା, ଭଞ୍ଜନଗର, ଜଗନ୍ନାଥପ୍ରସାଦ ଓ ବୁଗୁଡ଼ାର କେତେକ କଂଗ୍ରେସ କର୍ମୀ ସାମିଲ ରହିଥିଲା ବେଳେ ସ୍ଥାନୀୟ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ନିୟୋଜିତ ରହିଥିଲେ।

# ଭକ୍ତ ଦାସିଆ ପୀଠର ଶ୍ରୀଜଗନ୍ନାଥ ମନ୍ଦିରର ସପ୍ତଦଶ ତମ ପ୍ରତିଷ୍ଠା ଦିବସ

ପିପିଲି,୨୪।୭ :(ମନ୍ଥନ)ପବିତ୍ର ବାହୁଡା ଯାତ୍ରା ଅବସରରେ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ବାଲିଗାଁଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ମହାଲକ୍ଷ୍ମୀ, ମା ବିମଳା, ସିଦ୍ଧ ମହାବୀର ଓ ଶ୍ରୀ ଗଣେଶ ମନ୍ଦିରର ସପ୍ତଦଶତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି ।ଭକ୍ତ ଦାସିଆ ସ୍ମୃତି କମିଟି ଆନୁକୂଲରେ ଅନୁଷ୍ଠିତ କାଯ୍ୟକ୍ରମ ରେ ପୀଠସ୍ଥ ସମସ୍ତ ଦେବାଦେବୀଙ୍କ ନୈନିକ ଦେବନୀତି ସହିତ ଭକ୍ତ ଦାସିଆଙ୍କ ପ୍ରତିମୂର୍ତ୍ତି ଓ ସମାଧି ସ୍ଥଳରେ ସ୍ୱତନ୍ତ୍ର ଦେବନିତୀ ମନ୍ଦିରର ମୁଖ୍ୟ ପୂଜକ ଲିଙ୍ଗରାଜ ପଣ୍ଡା ଏବଂ ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡା ସମ୍ପାଦନ କରିଥିଲେ । ମୁଖ୍ୟ ବେଦାଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସହାୟକ ଆଚାର୍ଯ୍ୟ ରଶ୍ମି ରଞ୍ଜନ ଦାସଙ୍କ ଦ୍ୱାରା ଏକ ଦିବସୀୟ ବାର୍ଷିକ ପ୍ରତିଷ୍ଠା ଯଜ୍ଞ କର୍ମରେ ମଣ୍ଡଳ କରଣ,



କଳସଯାତ୍ରା, ପଞ୍ଚକର୍ମ, ସୂର୍ଯ୍ୟ ପୂଜା, ଗୋ ପୂଜା, ମହାପ୍ରଭୁଙ୍କ ଉପଚାର ପୂଜା, ଯଜ୍ଞାଗ୍ନି ସ୍ଥାପନ, ପୁଷ୍ପାଞ୍ଜଳୀ ଆଦି ସମସ୍ତ କର୍ମ ବୈଦିକ ରୀତିର ସମାପନ କରିଯାଇଥିଲା । ମୂଖ୍ୟକର୍ତ୍ତା ଭାବେ ୱାଲେଟ୍ ଫର ୱେଲଥ୍ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦ ?ଶକ ଶ୍ରୀ ତ୍ରିନାଥ ଲେଙ୍କା କାର୍ଯ୍ୟ ନିର୍ବାହ କରିଥିଲେ । ଭକ୍ତ ଦାସିଆ ଓଡିଶା ସଂକୀର୍ତ୍ତନ ମଣ୍ଡଳୀର ନେତୃତ୍ୱରେ ଭକ୍ତଙ୍କ ସମାଧି ପୀଠ ସ୍ଥଳରେ ଅଖଣ୍ଡ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଏହି ଅବସରରେ ନିକଟବର୍ତ୍ତୀ ଅଞ୍ଚଳରୁ ଆମନ୍ତ୍ରିତ ବିଶିଷ୍ଟ ଶିଶୁ ଓଡିଶୀ ନୃତ୍ୟ ଶିଶୁ କଳାକାର ସିକୃତି ସେଠୀ, ସୁନି ମହାପାତ୍ର, ରାଜନନ୍ଦିନୀ ଦାସ, ସ୍ୱୟଂପ୍ରଭା ବାରିକଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରିଥଲେ । ସଙ୍ଗୀତଜ୍ଞ ଅଭିମନ୍ୟୁ ପାଣି ଏବଂ ତାଙ୍କ ସାଥୀ ନାରାୟଣ ମହାପାତ୍ର ଓ ଅନ୍ୟମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଭଜନ କରାଯାଇଥିଲା । ବିଶିଷ୍ଟ ସଙ୍ଗୀତଜ୍ଞ ମୋନାଲିସା ରାଉତ, ଅଜୟ କୁମାର ଦାସ ତେଜସ୍ୱିନୀ ରଥଙ୍କ ଦ୍ୱାରା ଅଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାନ୍ତନ ପୂର୍ତ୍ତି ବିଭାଗର ପ୍ରାକ୍ତନ ଶାସନ ସଚିବ ଇଂ ସୁବେନ୍ଦୁ ରାୟ ଏବଂ ସମ୍ମାନିତ ଅତିଥିଭାବେ ଦକ୍ଷିଣପୂର୍ବ ରେଳପଥର ପ୍ରାନ୍ତନଂ ମୁଖ୍ୟଯନ୍ତ୍ରୀ ଇଂ ପ୍ରତାପ ନାୟକ ଯୋଗ ଦେଇଥିଲେ । ଭକ୍ତ ଦାସିଆ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ଶିକ୍ଷାବିତ୍ ଡଃ ବାସନ୍ତି ଦାସ, ଇଂ ବସନ୍ତ କୁମାର ମିଶ୍ର, ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର, ସାମଜସେବୀ ଆଶୁତୋଷ ସାମନ୍ତରାୟ, ନାଟ୍ୟକାର ବିଭୂତି ପଟ୍ଟନାୟକ, ଆଞ୍ଚଳିକ କମିଟିର ସଦସ୍ୟ ଚିତ୍ତରଞ୍ଜନ ସେନାପତି, ଲକ୍ଷ୍ମୀଧର ସାହୁ, ପ୍ରଫୁଲ ବିଶ୍ୱାଳ, ପଞ୍ଚୁ ଜେନା, କୃଷ୍ଣଚନ୍ଦ୍ର ଲେଙ୍କା, କବିନ୍ଦ୍ର ବେହେରା ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ନିକଟର୍ତ୍ତୀ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ମା' ମହାଲକ୍ଷ୍ମୀ, ମା ବିମଳା, ମହାବୀର ଏବଂ ଶ୍ରୀଗଣେଶଙ୍କ ମନ୍ଦିର ସହିତ ରାଧାମୋହନ ମଠ ଭକ୍ତଙ୍କ ସମାଧି ସ୍ଥଳୀ, ଅତ୍ୟହ ପୁଷ୍କରିଣୀ ଗୋଠଗଡିଆ ତୁଳସୀ ବଣ, ପଦ୍ମପୋଖରୀ ଭିଡ ଦେଖିବାକୁ ମିଳିଥିଲା ।ଅନୁଷ୍ଠାନର ସାଧାରଣ ସମ୍ପାଦକ ଡକ୍ଟର ଘନଶ୍ୟାମ ସ୍ୱାଇଁଙ୍କ କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ।

ଆଞ୍ଚଳିକ ମନ୍ଥନ

ଶନିବାର, ୨୫ ଜୁଲାଇ ୨୦୨୬, ଭୁବନେଶ୍ୱର Saturday, 25 July 2026, Bhubaneswar





# ନବୀନଙ୍କ ମନ୍ତବ୍ୟକୁ ଛେଣ୍ଡିପଦାରେ ବିଜେପିର ପ୍ରତିବାଦ

ଛେଣ୍ଡିପଦା,୨୪।୭ :(ମନ୍ଥନ)ନିଟ୍ ପରୀକ୍ଷା ପ୍ରସଙ୍ଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟକୁ ବିରୋଧ କରି ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଗୁରୁବାର ଛେଣ୍ଡିପଦାରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଛେଣ୍ଡିପଦା ବିଜେପି କାର୍ଯ୍ୟାଳୟରୁ ରାଲିରେ ବାହାରି ବ୍ଲକ ଛକରେ ପହଞ୍ଚିଥିଲେ। ସେଠାରେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଥିଲେ।



ପ୍ରତିବାଦ ସଭାକୁ ସମ୍ବୋଧିତ କରି ବିଧାୟକ ବେହେରା କହିଥିଲେ ଯେ, ବିଜେଡି ଓ କଂଗ୍ରେସର ଆଭିମୁଖ୍ୟ ଏବେ ସ୍ପଷ୍ଟ ହୋଇଛି ଏବଂ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକ ଏକେ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି କାମ କରୁଛନ୍ତି। ସେ ନବୀନ ପଟ୍ଟନାୟକଙ୍କୁ ସ୍ପଷ୍ଟ କରିବାକୁ ଆହ୍ୱାନ କରିଥିଲେ ଯେ ସେ କଂଗ୍ରେସ ସହ ଅଛନ୍ତି ନା ଓଡ଼ିଶାବାସୀଙ୍କ ସହ ।ବିଜେପି ନେତାମାନଙ୍କ କହିବା ଅନୁଯାୟୀ, ବିଜେଡି ଶାସନ ସମୟରେ ବିଭିନ୍ନ ନିଯୁକ୍ତି ଓ ଶିକ୍ଷାଗତ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ଘଟିଥିଲା। ତେଣୁ ନିଟ୍ ପ୍ରସଙ୍ଗରେ କେନ୍ଦ୍ର ସରକାରକୁ ଟାର୍ଗେଟ କରିବା ବିଜେଡିର ଦୋମୁହାଁ ନୀତିର ପରିଚୟ ବୋଲି ସେମାନେ ଅଭିଯୋଗ କରିଥିଲେ। ବିଜେପି ପକ୍ଷରୁ ଏହା ମଧ୍ୟ କୁହାଯାଇଥିଲା ଯେ, ବିଜେଡି ଶାସନ ସମୟରେ ପ୍ରଶ୍ନପତ୍ର ଲିକ୍ ଓ ନିଯୁକ୍ତି ଦୁର୍ନୀତି ଯୋଗୁଁ ଅନେକ ଯୁବକ-ଯୁବତୀଙ୍କ ଭବିଷ୍ୟତ ପ୍ରଭାବିତ ହୋଇଥିଲା। ବର୍ତ୍ତମାନ ନିଟ୍ ପ୍ରସଙ୍ଗକୁ ନେଇ ଦିଆଯାଉଥିବା ମନ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ବିଜେପି ଅଭିଯୋଗ କରିଛି ।ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ୍ ଗଡ଼ନାୟକ, ଜିଲ୍ଲା ଉପସଭାପତି ଚୌଧୁରୀ ପ୍ରଧାନ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ, ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ସଂଯୋଜକ ଗୋପବନ୍ଧୁ ଗଡ଼ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା,ଜିଲ୍ଲା ଆଇଟି ସେଲ ସଂଯୋଜକ ଅକ୍ଷୟ ପାଦ ବେହେରା,ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ସରୋଜ ଦେବତା, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ବାଗଡିଆ ମଣ୍ଡଳ ସଭାପତି ତ୍ରିଲୋଚନ ବେହେରା, ଛେଣ୍ଡିପଦା ମଣ୍ଡଳ ସଭାପତି ଦୀପକ ପ୍ରଧାନ, ଜରପଡା ମଣ୍ଡଳ ସଭାପତି ଜୀବନ ସାହୁ, କୋସଳା ମଣ୍ଡଳ ସଭାପତି ସୁନୀଲ ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଜଗଦିଶ ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ମିଡ଼ିଆ ସେଲ ସଂଯୋଜକ ଯୁଗଳ କିଶୋର ଦେହୁରୀଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ନିଟ୍ ୟୁଜି ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୪।୭ :(ମନ୍ଥନ) ସ୍ଥାନୀୟ ଗିରି ରୋଡ଼ ଠାରେ ଅବସ୍ଥିତ "ଫିଜିକ୍ସ ୱାଲା" ବା ପିଡବ୍ଲୁ ଶିକ୍ଷାନୁଷ୍ଠାନ ତରଫରୁ ନିଜ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ନେଇ ଏକ ଶୋଭାଯାତ୍ରା ଆୟୋଜିତ କରିଥିଲା । ନିକଟରେ ନିଟ୍ ୟୁଜି ପରୀକ୍ଷାର ଫଳାଫଳ ପ୍ରକାଶିତ ହୋଇଛି, ଏନେଇ ନୂତନ ଭାବେ ବ୍ରହ୍ମପୁର ସହରରେ ସ୍ଥାନ ପାଇଥିବା ଏହି ଅନୁଷ୍ଠାନ ମଧ୍ୟ ନିଟ୍ ୟୁଜି ପରୀକ୍ଷାରେ ଉତ୍ତମ ରେଙ୍କ୍ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଛି । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ କରି ଶତାଧିକ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସହରର ପରିକ୍ରମା କରି ଉତ୍ସାହିତ କରିଥିଲେ। ପରେ ପୁଣି ଅନୁଷ୍ଠାନ ପରିସରରେ ପହଞ୍ଚି ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏନେଇ ଛାତ୍ରଛାତ୍ରୀ ମାନେ ଏହି ସଫଳତା



ହାସଲର ଶ୍ରେୟ ଭଗବାନ ଏବଂ ପିତାମାତାଙ୍କ ଆଶୀର୍ବାଦ ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଅକ୍ଲାନ୍ତ ପ୍ରୟାସ ଓ ଆମ ମାନଙ୍କ ପ୍ରଚେଷ୍ଟା ଦ୍ୱାରା ସଫଳ ହୋଇପାରିଛି ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ଶ୍ରୀ ଭବାନୀ କାନ୍ତ ସାହୁ କହିଛନ୍ତି ଯେ, ନିଟ୍ ୟୁଜି ପରୀକ୍ଷାରେ ଆମ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଉଚ୍ଚ ସଫଳତା ହାସଲ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଗତ ଶିକ୍ଷା ବର୍ଷ ଅପେକ୍ଷା ଚଳିତ ବର୍ଷରେ ଆମ ଅନୁଷ୍ଠାନର ୧୫ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରି ଅନୁଷ୍ଠାନ ନାମକୁ ଗୌରବନ୍ୱିତ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅମିତ୍ କୁମାର ମହାରଣା, ରଘୁମଣି ଭୂୟାଁ ଏବଂ ସ୍ମରଣିକା ଜେନା ଉଚ୍ଚ ମାର୍କ ରଖିଛନ୍ତି ବୋଲି ସୂଚନା ଦେଇଥିଲେ। ମେନେଜର ପ୍ରମୋଦ ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମଟର ସାଇକେଲ ଦୁର୍ଘଟଣା ଯୁବକ, ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ

କୋଣାର୍କ, ୨୪।୭ :(ମନ୍ଥନ)କୋଣାର୍କ ରୁ ପୁରୀ ଜାତୀୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବା ସହ ଧନଜୀବନ ହାନୀ ହେଉଥିବା ଜଣାପଡିଛି। ବିଶେଷ ଭାବରେ କୋଣାର୍କର ସାଇ ମନ୍ଦିର ଛକ ଠାରୁ ଚନ୍ଦ୍ରଭାଗା ଭିତରେ ଥିବା ବିଭିନ୍ନ ଜାଗାରେ ଅଧିକ ଦୁର୍ଘଟଣା ଘଟୁଥିବା ପରିଲିକ୍ଷିତ ହୋଇଛି। ଏହି ରାସ୍ତାରେ ବିଭିନ୍ନ ଜାଗାରେ ସଚେତନତା ଫଳକ, ଆଲୋକ ଓ ରାସ୍ତା ବୁଲାଣି ପାଖରେ ସତର୍କ ସୂଚନା ନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି।ସେହିପରି ସାଇ ମନ୍ଦିର ଛକ ଟର୍ଣ୍ଣ ପାଖରେ ରାସ୍ତା ଡିଭାଇଡର ତ୍ରିଭୁଜ ପରି ରାସ୍ତା ଉପରେ ନିର୍ମାଣ କରାଯାଇଥିବା ବେଳେ ସେଠାରେ କୌଣସି ସତର୍କ ସୂଚନା ଫଳକ ନଥିବା ସହିତ ବିଦ୍ୟୁତ ଖୁଣ୍ଟ ରହି ମଧ୍ୟ ଆଲୁଅ ନଜଳିବା ଯୋଗୁଁ ଅଧିକ ଦୁର୍ଘଟଣା ଘଟୁଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।ଚନ୍ଦ୍ରଭାଗା ପଟୁ କୋଣାର୍କ ଆସୁଥିବା ଗାଡ଼ି ମଟର ସାଇ ମନ୍ଦିର ଛକରେ ହଡେଇ ବଡ଼ ?ଇ ହୋଇପଡିବା ସହ ଭାରସ୍ୟାମ ହରାଇ ଦୁର୍ଘଟଣା ଘଟାଉଥିବା ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ ଚନ୍ଦ୍ରଭାଗା ପଟୁ ଏକ ମଟର ସାଇକେଲ ନଂ ଏପି - ୪୦ - ଏବି -୧୯୮୮ ଆସୁଥିବା ବେଳେ ସାଇ ମନ୍ଦିର ଛକ ବାଙ୍କଣୀ ପାଖରେ ଥିବା ଡିଭାଇଡରକୁ ଧକ୍କା ଦେଇଥିଲା। ଫଳରେ ରାସ୍ତା ଉପରେ ମଟରସାଇକେଲରେ ଥିବା ଯୁବକ,ଯୁବତୀ ଦୁଇଜଣ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ପହଞ୍ଚି ଆହତ ଯୁବକ ଯୁବତୀଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ଗୋପ ମେଡିକାଲକୁ ପଠାଇଥିଲେ। ଘଟଣା ସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ମଟର ସାଇକେଲକୁ ଜବତ କରିଥିବା ଜଣାପଡିଛି।

# ଆଦାନୀ ଫାଉଣ୍ଡେସନର 'ଉଡାନ' କାର୍ଯ୍ୟକ୍ରମରେ ଗୋପାଳପୁର ବନ୍ଦର ପରିଦର୍ଶନ କଲେ ୟୁରୋ ସ୍କୁଲର ବିଦ୍ୟାର୍ଥୀ

ଛତ୍ରପୁର,୨୪।୭ :(ମନ୍ଥନ) ଗଞ୍ଜାମ ଜିଲ୍ଲାଛତ୍ରପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ୟୁରୋ ସ୍କୁଲ ର ବିଦ୍ୟାର୍ଥୀ ମାନେ ଶୁକ୍ରବାର ଆଦାନୀ ଫାଉଣ୍ଡେସନର ସ୍ୱତନ୍ତ୍ର କର୍ପୋରେଟ ସାମାଜିକ ଦାୟିତ୍ୱ (ସି ଏସ ଆର ) କାର୍ଯ୍ୟକ୍ରମ 'ଉଡାନ' ଅନ୍ତର୍ଗତ ଗୋପାଳପୁର ବନ୍ଦର ପରିଦର୍ଶନ କରିଥିଲେ। ଶ୍ରେଣୀକକ୍ଷର ଶିକ୍ଷା ସହିତ ଶିଳ୍ପ, ବାଣିଜ୍ୟ ଓ ଉଦ୍ୟୋଗ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ଉଦ୍ୟୋଗୀ ମନୋଭାବ ବିକଶିତ କରିବା 'ଉଡାନ' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।ବନ୍ଦରରେ ପହଞ୍ଚିବା ପରେ ବିଦ୍ୟାର୍ଥୀ ମାନଙ୍କୁ ସମ୍ମିଳନୀ କକ୍ଷରେ ସ୍ୱାଗତ କରାଯିବା ସହ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଓ ଆବଶ୍ୟକ ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇଥିଲା। ପରେ ଗୋପାଳପୁର ବନ୍ଦରର କାର୍ଯ୍ୟପ୍ରଣାଳୀ ଉପରେ ଆଧାରିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।ଏହାପରେ ବିଦ୍ୟାର୍ଥୀ ମାନଙ୍କୁ ବନ୍ଦର କ୍ଷେତ୍ର ପରିଦର୍ଶନରେ ନିଆଯାଇଥିଲା। ସେଠାରେ ବନ୍ଦରର ବିଭିନ୍ନ ବର୍ଥ, ଅତ୍ୟାଧୁନିକ ଯନ୍ତ୍ରପାତିର ପରିଚାଳନା, ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ବିଭିନ୍ନ କଞ୍ଚାମାଲର



ଆମଦାନୀ ଓ ରପ୍ତାନି ପ୍ରକ୍ରିୟା, ଜାହାଜ ପରିଚାଳନା, ସୁରକ୍ଷା ବ୍ୟବସ୍ଥା, ପରିବେଶ ସଂରକ୍ଷଣ ଓ ସାମୁଦ୍ରିକ ବାଣିଜ୍ୟରେ ବ୍ୟବହୃତ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ବନ୍ଦରର ବିଭିନ୍ନ ବିଭାଗର ଅଧିକାରୀମାନେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାର୍ଥୀ ମାନେ ବନ୍ଦରର ବାସ୍ତବ କାର୍ଯ୍ୟପ୍ରଣାଳୀକୁ ନିକଟରୁ ଦେଖିବା ସହ ବିଭିନ୍ନ ପ୍ରଶ୍ନ ପଚାରି ସେ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ।ଏହି ଅବସରରେ ୟୁରୋ ସ୍କୁଲ ଅଧକ୍ଷ ରଞ୍ଜନ ମହାପାତ୍ର 'ଉଡାନ' କାର୍ଯ୍ୟକ୍ରମର ପ୍ରଶଂସା କରି କହିଥିଲେ, "ଉଡାନ ମାଧ୍ୟମରେ ବିଦ୍ୟାର୍ଥୀ ମାନେ ଆମ ଅଞ୍ଚଳର ଗୋପାଳପୁର ବନ୍ଦର ଭଳି ଏକ ବୃହତ୍ ଶିଳ୍ପ ପ୍ରତିଷ୍ଠାନର କାର୍ଯ୍ୟପ୍ରଣାଳୀକୁ ନିକଟରୁ ଜାଣିବାର ସୁଯୋଗ ପାଇଛନ୍ତି। ଏହି ଅନୁଭୂତି ସେମାନଙ୍କ ମନରେ ନୂତନ ଚିନ୍ତାଧାରା ସୃଷ୍ଟି କରିବା ସହ ଆଧୁନିକ ଶିଳ୍ପ ଓ ପ୍ରଯୁକ୍ତି ସମ୍ପର୍କରେ ବ୍ୟବହାରିକ ଜ୍ଞାନ ବୃଦ୍ଧି କରିବ। ଭବିଷ୍ୟତରେ ବୈଷୟିକ ଶିକ୍ଷା ଓ କ୍ୟାରିୟର ଗଠନରେ ଏହା ସେମାନଙ୍କ ପାଇଁ ନିଶ୍ଚିତ ଭାବେ ସହାୟକ ହେବ।"ଉଲ୍ଲେଖଯୋଗ୍ୟ ଯେ, ଆଦାନୀ ଫାଉଣ୍ଡେସନର 'ଉଡାନ' କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାର୍ଥୀ ଙ୍କୁ ଆଦାନୀ ଗ୍ରୁପର ବିଭିନ୍ନ ବ୍ୟବସାୟ କ୍ଷେତ୍ର ସହ ପ୍ରତ୍ୟକ୍ଷ ଭାବେ ପରିଚିତ କରାଯିବା ସହ ସେମାନଙ୍କ ମଧ୍ୟରେ ବୃହତ୍ ଚିନ୍ତାଧାରା ଓ ନେତୃତ୍ୱ ମନୋଭାବର ବିକାଶ କରାଯାଉଛି। ଏହା ସହିତ ରାଷ୍ଟ୍ର ନିର୍ମାଣରେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ଅବଦାନ ସମ୍ପର୍କରେ ଯୁବ ଶିକ୍ଷାର୍ଥୀଙ୍କୁ ଅବଗତ କରାଇବା ଏବଂ ଭବିଷ୍ୟତର କ୍ୟାରିୟର ସମ୍ଭାବନା ଅନ୍ୱେଷଣ ପାଇଁ ସେମାନଙ୍କୁ ପ୍ରେରିତ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲା, ଅଭିଯୁକ୍ତ ଗିରଫ

ବଳଙ୍ଗା, ୨୪।୭ :(ମନ୍ଥନ)ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଟିଉସନରୁ ଘରକୁ ଫେରୁଥିବା ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ଉଦ୍ୟମ ମାମଲାରେ ପୋଲିସ ଅଭିଯୁକ୍ତକୁ ଗିରଫ କରି ଶୁକ୍ରବାର ଦିନ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଏହି ଥାନା ଅନ୍ତର୍ଗତ ସାଇଁଶ ଗ୍ରାମର ବେଣୁଧର ପ୍ରଧାନ (୨୦) ବୋଲି ପୋଲିସ ସୂଚନା ଦେଇଛି । ସୂଚନା ମୁତାବକ ବୁଧବାର ରାତିରେ ଥାନା ଅନ୍ତର୍ଗତ ଏକ ଗ୍ରାମର ୧୪ବର୍ଷୀୟା ନାବାଳିକା ଟିଉସନରୁ ଘରକୁ ଫେରୁଥିବା ସମୟରେ ସାଇଁଶ ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ନାବାଳିକାକୁ ଏକୁଟିଆ ଦେଖି ଅଭିଯୁକ୍ତ ଅସଦାଚରଣ କରି ନିକଟରେ ଥିବା ଏକ ଜଙ୍ଗଲିଆ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ନାବାଳିକା ପାଟି କରିବାରୁ ସ୍ଥାନୀୟ ଲୋକେ ଆସିବାରୁ ଅଭିଯୁକ୍ତ ବେଣୁଧର ସେଠାରୁ ଫେରାର ହୋଇଯାଇଥିଲା। ଏନେଇ ନାବାଳିକା ପରିବାର ପକ୍ଷରୁ ବଳଙ୍ଗା ଥାନାରେ ଅଭିଯୋଗ କରିବା ପରେ ଥାନାରେ ପୋସ୍କୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗତକାଲି ବିଳମ୍ବିତ ରାତିରେ ଅଭିଯୁକ୍ତ ଘରେ ଚଢ଼ାଉ କରାଯାଇ ତାକୁ ଗିରଫ କରାଯିବା ସହ ଆଜି ପୋସ୍କୋ କୋର୍ଟରେ ହାଜର କରାଯାଇଥିଲା।

# ଅନୁଗୋଳ ଓକିଲ ସଂଘ ପକ୍ଷରୁ ସେବା କାର୍ଯ୍ୟ

ଅନୁଗୋଳ,୨୪।୭ :(ମନ୍ଥନ) ଅନୁଗୋଳ ଓକିଲ ସଂଘ ପକ୍ଷରୁ ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ କୋର୍ଟ ସମ୍ମୁଖରେ ଥିବା ବଡଦାଣ୍ଡରେ ବାହୁଡ଼ା ଯାତ୍ରା ଦିନ ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ନେତୃତ୍ୱରେ ରଥଯାତ୍ରା ଦେଖିବାକୁ ଆସିଥିବା ଭକ୍ତ ମାନଙ୍କ ପାଇଁ ପ୍ରସାଦ ବଣ୍ଟନ ଓ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଂଘର ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, ସହ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ, କୋଷାଧକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ସାହୁ ପ୍ରମୁଖ ଉପସ୍ଥିତ ରହି ସେବାକାର୍ଯ୍ୟକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରମେଶ ସାହୁ,ଦ୍ୱାରିକା ପ୍ରସାଦ ନନ୍ଦ, ଗୋପାଳ ଚନ୍ଦ୍ର ନାଥ, ପ୍ରଦୀପ ଦେବତା, ପୁରନ୍ଦର ପ୍ରଧାନ , ବିପିନ ସାହୁ, ରଜତ ଦାଶ,



ସନାତନ ପ୍ରଧାନ,ଓକିଲ ସଂଘର ପୂର୍ବତନ ସଭାପତି ହିମାଂଶୁ ଭୂଷଣ ସାମଲ,ମନୋରଞ୍ଜନ ଦାସ,ପାର୍ଥସାରଥୀ ପ୍ରଧାନ, କୁଶ ସାହୁ, ପ୍ରଶାନ୍ତ ବିଶ୍ୱାଳ (ମିଟୁ ), ତପନ ଦେହୁରୀ, ପବିତ୍ର ମୁଦୁଲି,ବିରଞ୍ଚି ସାହୁ,ଶିବରାମ ଦେହୁରୀ, ସଞ୍ଜୟ ସାହୁ, ହୃଦୟ ନାଥ ସାହୁ, ଧିରେନ ପ୍ରଧାନ, ହେମନ୍ତ ସାହୁ,ବିନୋଦ ସାମଲ, ପୁପିନ ସାହୁ,ପ୍ରଶାନ୍ତ ସାହୁ,ସ୍ୱରୂପ ସିଂହ, ପ୍ରେମାନନ୍ଦ ସାହୁ, ରାଜେଶ ମିଶ୍ର,ଶିବାନୀ ଗୌଡ଼,ଶ୍ରିୟଙ୍କା ପ୍ରିୟଦର୍ଶନୀ ନନ୍ଦ,ରୁପେଶ ସେଠୀ,ଶିତୁ ସାହୁ ବୁବୁନ ପ୍ରଧାନ ପ୍ରମୁଖ ଏହି ସେବାକାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରାୟ ଦଶ ହଜାର ଭକ୍ତଙ୍କୁ ପୁରୀ, ତରକାରୀ, ସେଉ ବୁନ୍ଦିଆ ପ୍ରସାଦ ବଣ୍ଟନ କରାଯାଇଥିଲା।ବାହୁଡ଼ା ଯାତ୍ରା ଅବସରରେ ଓକିଲ ସଂଘ ପକ୍ଷରୁ ଆୟୋଜିତ ସମାଜସେବା କାର୍ଯ୍ୟକ୍ରମକୁ ଭକ୍ତ ଓ ସାଧାରଣ ଜନତା ଉଚ୍ଚପ୍ରଶଂସା କରିଥିଲେ।ଅଗଣିତ ଭକ୍ତ ପ୍ରସାଦ ସେବନ କରି ନିଜକୁ ଧନ୍ୟ ମନେ କରିଥିଲେ।

# ପିପିଲିରେ ବାହୁଡ଼ା ଯାତ୍ରା ସମାରୋହରେ ସଂପନ୍ନ

ପିପିଲି,୨୪।୭ :(ମନ୍ଥନ) ପିପିଲି ଏନଏସି ସ୍ଥିତ ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ବାହୁଡ଼ା ଯାତ୍ରା ଶୁକ୍ରବାର ସମାରୋହରେ ସମ୍ପନ୍ନ ହୋଇଛି । ଏହି ଅବସରରେ ମଡ଼ିଆଳି ସାହି ସ୍ଥିତ ମାଉସୀ ମା ଙ୍କ ମନ୍ଦିରରେ ଶୁକ୍ରବାର ସକାଳେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ବିଭିନ୍ନ ରୀତିନୀତି ସଂପନ୍ନ ହେବା ପରେ ପୂର୍ବାହ୍ନ ୧୨ଟାରେ ପହଣ୍ଡି କରାଯାଇ ଠାକୁର ମାନଙ୍କୁ ରଥାରୁଢ କରାଯାଇଥିଲା । ମୁଖ୍ୟପୂଜକ ଲକ୍ଷ୍ମୀଧର ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ ସେବକ ଜୟଦେବ ମହାପାତ୍ର, ଅକ୍ଷୟ ମହାପାତ୍ର ଓ ଚନ୍ଦନ ମହାପାତ୍ର ଠାକୁରଙ୍କ ବିଭିନ୍ନ ସେବାନୀତି କରିଥିଲେ । ସମାଜସେବୀ ପ୍ରଭାକର ପଣ୍ଡା ଠାକୁର ମାନଙ୍କର ଛେରା ପହଁରା କରିଥିଲେ । ଅପରାହ୍ନ ୨ଟା ୪୫ ମିନିଟରେ ରଥଟଣା



ଆରମ୍ଭ ହୋଇଥିଲା । ମଡ଼ିଆଳି ସାହି ଛକ ଠାରୁ ଶ୍ରୀପତିତପାବନ ଦେବଙ୍କ ମନ୍ଦିର ମନ୍ଦିର ପର୍ଯ୍ୟନ୍ତ ରାଜପଥ ଉପରେ ଶତାଧିକ ଭକ୍ତ ଆନନ୍ଦ ଓ ଉତ୍ସାହର ସହ ରଥକୁ ଟାଣି ନେଇଥିଲେ । ଅପରାହ୍ନ ୫ଟାରେ ଦରଜୀ ସାହି ସ୍ଥିତ ଶ୍ରୀ ପତିତପାବନ ଦେବଙ୍କ ମନ୍ଦିର ସମ୍ମୁଖରେ ରଥ ପହଞ୍ଚିଥିଲା । ପିପିଲି ରଥଯାତ୍ରା ପରିଚାଳନା କମିଟିର ସଭାପତି ଇଂ ରମେଶ ଚନ୍ଦ୍ର ଶତପଥି, ସଂପାଦକ ପ୍ରଭାତ କୁମାର ମହାପାତ୍ର, କୋଷାଧକ୍ଷ ସୁରେନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ମହାପାତ୍ର, ଆଇନଜୀବୀ ସୁଧିର କୁମାର ମହାନ୍ତି, ମନ୍ଦିରର ଟ୍ରଷ୍ଟି ସୁରେଶ ଚନ୍ଦ୍ର ମହାପାତ୍ର, ମନ୍ଦିର ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର କୁମାର ମହାପାତ୍ର, ମୁଖ୍ୟ ଉପଦେଷ୍ଟା ନୃସିଂହ ମହାପାତ୍ର, ସମ୍ପାଦକ ଗୋପାଳ ଚନ୍ଦ୍ର ମହାପାତ୍ର, ସହସମ୍ପାଦକ ବିଭୂତି ଭୂଷଣ ମହାରଣା, କୋଷାଧକ୍ଷ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପୁଲିସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ କରିଥିଲା । ପିପିଲି ଅଗ୍ନିଶମ ବାହିନୀ, ପିପିଲି କଲେଜର ସମର ଶିକ୍ଷାର୍ଥି ବାହିନୀ, ବିଦ୍ୟୁତ ବିଭାଗର କର୍ମଚାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ ।

# ଗଞ୍ଜାମ ଜିଲ୍ଲାର ଏସ୍‌ଆଇଆର୍ କାର୍ଯ୍ୟର ଅଗ୍ରଗତିରେ ସନ୍ତୋଷ ପ୍ରକାଶ କଲେ ବରିଷ୍ଠ ପ୍ରଶାସକ ତଥା ଭୋଟର ତାଲିକା ପର୍ଯ୍ୟବେକ୍ଷକ ଶ୍ରୀ ରେଡ୍ଡୀ

ଛତ୍ରପୁର,୨୪।୭ :(ମନ୍ଥନ): ଗଞ୍ଜାମ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ପାଇଁ ଜିଲ୍ଲା ଭୋଟର ତାଲିକା ପର୍ଯ୍ୟବେକ୍ଷକ ତଥା ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ (ଭା.ପ୍ର.ସେ.)ଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମ ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି. କୀର୍ତ୍ତି ଭାସନ କହିଥିଲେ ଯେ, ୫ ଜୁଲାଇ ୨୦୨୬ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ମୋଟ ଭୋଟର ସଂଖ୍ୟା ୨୭,୯୨,୧୫୮ ରହିଛି। ଏସ୍‌ଆଇଆର୍ ଆରମ୍ଭ ସମୟରେ ଏହି ସଂଖ୍ୟା ୨୯,୯୯,୭୮୨ ଥିଲା। ଅର୍ଥାତ୍ ମୋଟ ୨,୦୭,୬୨୪ ଜଣ ଅଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ ପଡିଛି । ପ୍ରାୟ ୯୦ ପ୍ରତିଶତ ଦାବି ଓ ଆପତ୍ତିର ସରଳଭାବରେ ସମାଧାନ ହେଇଯାଉଥିବା ବେଳେ, ଜଟିଳ ମାମଲାରେ ପଞ୍ଚନାମା ସମେତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇ ସମସ୍ୟାର ସମାଧାନ କରାଯାଉଛି । ଭୋଟରମାନଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ।ଏସଆଇଆର କାର୍ଯ୍ୟ ପାଇଁ ଜିଲ୍ଲାର ୧୩ଟି ବିଧାନସଭା କ୍ଷେତ୍ରରେ ୩,୧୨୪ ଜଣ ବିଏଲ୍‌ଓ ଓ ୩୧୧ ଜଣ ବିଏଲ୍‌ଓ ସୁପରଭାଇଜର ନିୟୋଜିତ ହୋଇଛନ୍ତି।



ସେହିପରି ୧୩ ଜଣ ଇଆରଓ ଏବଂ ୭୯ ଜଣ ଏଇଆରଓ ନିୟୋଜିତ ହୋଇଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।ଜିଲ୍ଲା ଭୋଟର ତାଲିକା ପର୍ଯ୍ୟବେକ୍ଷକ ଶ୍ରୀ ରେଡ୍ଡୀ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବୁଥ୍ ସଂଖ୍ୟା ବୃଦ୍ଧି ଯୋଗୁଁ ଗୋଟିଏ ପରିବାରର କିଛି ସଦସ୍ୟଙ୍କ ନାମ ଭିନ୍ନ ଭିନ୍ନ ବୁଥରେ ରହିଯିବା, ବାସସ୍ଥାନ ପ୍ରମାଣପତ୍ର, ପଞ୍ଚନାମା ଓ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପର୍କିତ ସନ୍ଦେହ ଦୂର କରି ସେ ଓ ଜିଲ୍ଲାପାଳ ବିସ୍ତୃତ ସୂଚନା ଦେଇଥିଲେ ।ରାଜନୈତିକ ଦଳର ପ୍ରତିନିଧିମାନେ ଜିଲ୍ଲାପାଳ, ଇଆର୍‌ଓ, ଏଇଆର୍‌ଓ ଏବଂ ବିଶେଷ କରି ବିଏଲ୍‌ଓମାନଙ୍କ ନିଷ୍ଠାପୂର୍ଣ୍ଣ ପରିଶ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଗଞ୍ଜାମ ଜିଲ୍ଲାରେ ଏସଆଇଆର୍ କାର୍ଯ୍ୟକ୍ରମ ଅତ୍ୟନ୍ତ ସୁଚାରୁ ଭାବେ ଆଗେଇ ଚାଲିଥିବା ସେମାନେ ମତ ପ୍ରକାଶ କରିଥିଲେ। ଦ୍ୱିତୀୟ ବୈଠକରେ ଜିଲ୍ଲାର ସମସ୍ତ ଇଆର୍‌ଓଙ୍କୁ ନେଇ ଏସ୍‌ଆଇଆର୍ କାର୍ଯ୍ୟକ୍ରମର ଅଗ୍ରଗତି, ଭୋଟର ଫର୍ମର ଡିଜିଟାଲାଇଜେସନ୍, ଦାବି ଓ ଆପତ୍ତି ଗ୍ରହଣ ପ୍ରକ୍ରିୟା ଏବଂ ନିର୍ଭୁଲ ଓ ଆଦର୍ଶ ଭୋଟର ତାଲିକା ପ୍ରସ୍ତୁତି ପାଇଁ ପରବର୍ତ୍ତୀ କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ।ଗଞ୍ଜାମ ଜିଲ୍ଲାରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଶ୍ରୀ ରେଡ୍ଡୀ ସନ୍ତୋଷ ପ୍ରକାଶ କରିବା ସହ କହିଥିଲେ ଯେ, ଜଣେ ହେଲେ ମଧ୍ୟ ଯୋଗ୍ୟ ଭୋଟର ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତୁ, ସେଥିପ୍ରତି ସମସ୍ତେ ଯତ୍ନବାନ ରହିବା ଆବଶ୍ୟକ। ଶୁଣାଣି ପ୍ରକ୍ରିୟାକୁ ପଞ୍ଚାୟତ ସ୍ତରକୁ ନେଇପାରିଲେ ଭୋଟରମାନେ ଅଧିକ ଉପକୃତ ହେବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଦେଇଥିବା ପରାମର୍ଶ ସମ୍ପର୍କରେ ସେ ଇଆର୍‌ଓମାନଙ୍କୁ ଅବଗତ କରିଥିଲେ । ଜିଲ୍ଲାର କିଛି ସ୍ଥାନରେ ପଞ୍ଚାୟତସ୍ତରରେ ଶୁଣାଣି ଆରମ୍ଭ ହୋଇ ସାରିଛି ଏବଂ ଆଗାମୀ ଦିନରେ ଅନ୍ୟ ପଞ୍ଚାୟତ ଗୁଡିକରେ ମଧ୍ୟ କରାଯିବ ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ସୁନୀଲ କେର୍କେଟା, ଦେବଦତ୍ତ ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ଇଆର୍‌ଓ ଉପସ୍ଥିତ ଥିଲେ।ବୈଠକ ପରେ ଜିଲ୍ଲା ଭୋଟର ତାଲିକା ପର୍ଯ୍ୟବେକ୍ଷକ ଶ୍ରୀ ରେଡ୍ଡୀ ଛତ୍ରପୁର ତହସିଲ ଓ ରଙ୍ଗେଇଲୁଣ୍ଡା ବ୍ଲକ ପରିଦର୍ଶନ କରି ଏସ୍‌ଆଇଆର୍ ପ୍ରକ୍ରିୟାର ତଦାରଖ କରିଥିଲେ। ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି ୯୦, ୯୬ ଓ ୧୧୭ ନମ୍ବର ବୁଥ୍ ?ରେ ବିଭିନ୍ନ ଆପତ୍ତି, ଅଭିଯୋଗ ଯାଞ୍ଚ ଓ ଶୁଣାଣି ପ୍ରକ୍ରିୟା ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ । ପରେ ସେ ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକରେ ବିଏଲ୍‌ଓ ଏବଂ ଭୋଟରମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ମତାମତ ଶୁଣିଥିଲେ ।ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଡେପୁଟି କଲେକ୍ଟର (ନିର୍ବାଚନ) ଡ଼. ଅରୁଣ କୁମାର ଖଣ୍ଡା, ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଲକ୍ଷ୍ମୀ ନାରାୟଣ ପଣ୍ଡା, ନିରାକାର ପ୍ରଧାନ, ବଦ୍ରିନାରାୟଣ ନାୟକ, ଶୁଭଜିତ କୁମାର, ଅଶୋକ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ପଣ୍ଡା, କୈଳାଶ ସେଠୀ, ଭି. ରାଓ, ବୃନ୍ଦାବନ ଖଟେଇ, ଦେବାନନ୍ଦ ମହାପାତ୍ର ଏବଂ କୈଳାଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଧ୍ରରୁ ଦାମୀ ବାଇକ ଚୋରି କରି ନମ୍ବର ପ୍ଲେଟ କାଢି ଚଢୁଥିଲା ଧରିଲା ପୁଲିସ

# ୫ ଦାମୀ ବାଇକ ଜବତ ସହ ଜଣେ ଗିରଫ

ଛତ୍ରପୁର,୨୪।୭ :(ମନ୍ଥନ)ଆନ୍ଧ୍ରପ୍ରଦେଶର ବିଭିନ୍ନ ସହରରୁ ଚତୁରତାର ସହ ଦାମୀ ଓ ଆକର୍ଷଣୀୟ ବାଇକକୁ ଟାର୍ଗେଟ କରୁଥିଲା ଯୁବକ । ସେଠାରୁ ଚୋରି କରି ଏଠାକୁ ଆଣି ନମ୍ବର ପ୍ଲେଟ କାଢି ବିନା ନମ୍ବରରେ ଚଢୁଥିଲା ବାବୁ ଜଣକ, ଶେଷରେ ପୁଲିସ ହାତରେ ଧରାପଡି ବନ୍ଧା ହେଲା ଯୁବକ । ଯୁବକ ଜଣକ ହେଲେ ମେରାଇନ ଥାନା ଅଧିନ ସାନ ଆର୍ଯ୍ୟପଲ୍ଲୀ ଗ୍ରାମର ଓଡିଆରପି କଲୋନୀର ଏନ.ନରସିଂହ । ବାବୁ ଜଣକ ଏକ ନମ୍ବର ବିହୀନ ବୁଲେଟ ଚଢି ବୁଲୁଥିବା ବେଳେ ମେରାଇନ ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ପୁଲିସ ହାତରେ ଧରାପଡିଥିଲେ । ପରେ ପୁଲିସ ଗାଡିର କାଗଜ ପତ୍ର ମାଗିଥିବା ବେଳେ ନରସିଂହ ପୁଲିସ ଆଗରେ ସବୁ ମାନିଦେବାସହ ୫ଟି ଗାଡି ଜବତ କରିଛି ପୁଲିସ । ସେଥିମଧ୍ୟରୁ ୪ଟି ଗାଡି ଆନ୍ଧ୍ର ପ୍ରଦେଶ ଓ ଗୋଟିଏ ଓଡିଶାର ରହିଛି । କାହାରି ବି ନମ୍ବର ନାହିଁ । ଚୋରି କରିବା ପରେ ନିଜ ପାଖରେ ୩ଟି ଗାଡି ରଖିଥିବା ବେଳେ ୨ଟି ଗାଡିକୁ ସେ ବନ୍ଧକ ମଧ୍ୟ ଦେଇଥିଲା । ସବୁ ଗାଡିକୁ ପୁଲିସ ଜବତ କରିଥିବା ବେଳେ ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ରହଛନ୍ତି ତାହାର ତଦନ୍ତ କରୁଛି ପୁଲିସ ବୋଲି ଥାନା ଅଧିକାରୀ ଦିବ୍ୟାଭାରତୀ ନାୟକ ସୂଚନା ଦେଇଛନ୍ତି । ଏନେଇ ଥାନାରେ ୬୩/ ୨୦୨୬ ମାମଲା ରୁଜୁ କରି ଅଧିକ ଖୋଲତାଡ କରୁଛି ପୁଲିସ । ଗାଡିର ସମସ୍ତ ତଥ୍ୟ ଆରଟିଓଙ୍କୁ ମଗାଯାଇଛି ତଥ୍ୟ ମିଳିଲେ ସେମାନଙ୍କ ମାଲିକକୁ ଗାଡି ଫେରାଯିବ ବୋଲି ଥାନା ଅଧିକାରିଣୀ କହିଛନ୍ତି । ତେବେ ଏହି ୫ଟି ଗାଡି ନା ଆହୁରି ଅଧିକ ଗାଡି ଚୋରି କରି ଆଣିଛି ଏବଂ ଏହି ଗ୍ୟାଙ୍ଗ ରେ କେଉଁ ମାନେ ସାମିଲ ଅଛନ୍ତି ତାହାର ଯାଂଚ କରୁଛନ୍ତି ମେରାଇନ ପୁଲିସ ।



ଶନିବାର ୨୫ ଜୁଲାଇ, ୨୦୨୬, ଭୁବନେଶ୍ୱର
Saturday 25July,2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।'

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଛାତ୍ରସମାଜ ଓ ଦେଶ ପାଇଁ ବାସ୍ତବ ଭବିଷ୍ୟତର ଆହ୍ୱାନ

ସରକାର ପ୍ରଶ୍ନପତ୍ର ଲିକ୍ ଅପରାଧ ବିରୋଧରେ ଶୂନ୍ୟ ସହନଶୀଳତା (ତରକ୍ସଙ୍କ ଞକ୍ସଷ-ରକ୍ସବଭମର) ନୀତି ଆପଣାଇଛନ୍ତି। ଫାଷ୍ଟ-ଟ୍ରାକ କୋର୍ଟର ତ୍ୱରିତ ବିଚାର ଏବଂ ସ୍ୱଚ୍ଛ ପରୀକ୍ଷା ପ୍ରଣାଳୀ ଦ୍ୱାରା ହିଁ ପ୍ରକୃତ ମେଧାବୀ ଯୁବକଯୁବତୀମାନେ ନିଜର ଅଧିକାର ପାଇପାରିବେ। ତେଣୁ ଗୁଜବ ଓ ରାଜନୈତିକ ପ୍ରରୋଚନାରୁ ଦୂରେଇ ରହି ଆଇନଗତ ବ୍ୟବସ୍ଥା ଉପରେ ବିଶ୍ୱାସ ରଖିବା ହିଁ ଦେଶ ଓ ଛାତ୍ରସମାଜ ପାଇଁ ଶ୍ରେୟସ୍କର। ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ସମସ୍ୟା ଆଜି ଦେଶର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି ଏକ ଗମ୍ଭୀର ଆହ୍ୱାନ ସୃଷ୍ଟି କରିଛି। ଏହି କଠିନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାର ଘୋଷଣା ଏକ ସମୟୋପଯୋଗୀ ଓ ପ୍ରଶଂସନୀୟ କଦମ। ଦୋଷୀଙ୍କୁ ତୁରନ୍ତ ଏବଂ କଠୋର ଦଣ୍ଡ ବିଧାନ କରି ଛାତ୍ରସମାଜର ସ୍ୱାର୍ଥ ରକ୍ଷା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ଅନ୍ୟପଟେ, ନିରୀହ ଛାତ୍ରଛାତ୍ରୀଙ୍କ ଆବେଗ ଓ ଅସନ୍ତୋଷକୁ ଆୟୁଧ କରି ଦେଶରେ ଅରାଜକତା ସୃଷ୍ଟି କରିବା ପାଇଁ କିଛି ବାହାର ଶକ୍ତି ଓ ସ୍ୱାର୍ଥପର ଗୋଷ୍ଠୀ ଉଦ୍ୟମ କରୁଥିବା ନେଇ ବଡ ଆଶଙ୍କା ପ୍ରକାଶ ପାଇଛି। ପରୀକ୍ଷାରେ ସ୍ୱଚ୍ଛତା ଓ ନ୍ୟାୟ ଦାବି କରିବା ଛାତ୍ରସମାଜର ମୌଳିକ ଅଧିକାର, ମାତ୍ର ଏହି ଗଣତାନ୍ତ୍ରିକ ଆନ୍ଦୋଳନକୁ ନିଜର ରାଜନୈତିକ କିମ୍ବା ଅସାଧୁ ଉଦ୍ଦେଶ୍ୟ ହାସଲ ପାଇଁ ବାହାର ଆର୍ଥିକ ସହାୟତା ଯୋଗାଇ ଉତ୍ତେଜିତ କରିବା ଏକ ନିନ୍ଦନୀୟ ଅପରାଧ। ଯେତେବେଳେ ସରକାର ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ତ୍ୱରିତ ବିଚାର ପାଇଁ ଆଇନଗତ ବ୍ୟବସ୍ଥା ଗ୍ରହଣ କରୁଛନ୍ତି, ସେତେବେଳେ ରାଜପଥରେ ହିଂସା ଓ ବିଶୃଙ୍ଖଳା ସୃଷ୍ଟି କରିବା କେବେହେଲେ ବାସ୍ତବ ସମାଧାନ ହୋଇନପାରେ। ଏହି ସମ୍ବେଦନଶୀଳ ପରିସ୍ଥିତିରେ ଆମର ନିବେଦନ, ଯୁବପିଢି କୌଣସି ପ୍ରରୋଚନା କିମ୍ବା ବାହାର ଶକ୍ତିର ଷଡଯନ୍ତ୍ରର ଶିକାର ନହୋଇ ଧୈର୍ଯ୍ୟ ଓ ସଂଯମ ରକ୍ଷା କରନ୍ତୁ। ଫାଷ୍ଟ-ଟ୍ରାକ୍ କୋର୍ଟର ସ୍ଥାପନା ଦ୍ୱାରା ଆଇନଗ ପ୍ରକ୍ରିୟା ଶୀଘ୍ର ଶେଷ ହେବ ଏବଂ ଅପରାଧୀମାନେ ଉଚିତ ଦଣ୍ଡ ପାଇବେ। ଛାତ୍ରସମାଜର ସୁରକ୍ଷିତ ଓ ସ୍ୱଚ୍ଛ ଭବିଷ୍ୟତ ନିର୍ମାଣ ପାଇଁ ଆଇନ ଓ ବ୍ୟବସ୍ଥା ଉପରେ ଆସ୍ଥା ରଖିବା ଏବଂ ଅସାଧୁ ଚକ୍ରାନ୍ତରୁ ଦୂରେଇ ରହିବା ଆଜିର ସମୟରେ ଅତ୍ୟନ୍ତ ଆବଶ୍ୟକ। ସାମ୍ପ୍ରତିକ ପରିସ୍ଥିତିରେ ପ୍ରଶ୍ନପତ୍ର ପ୍ରକାଶ ପାଇବା କେବଳ ଗୋଟିଏ ପରୀକ୍ଷାର ବିଫଳତା ନୁହେଁ, ଏହା ବ୍ୟବସ୍ଥା ପ୍ରତି କୋଟି କୋଟି କୋମଳମତି ଯୁବକଯୁବତୀଙ୍କ ବିଶ୍ୱାସକୁ ଦୋହଲାଇ ଦେଇଛି। ବର୍ଷ ବର୍ଷ ଧରି କଠିନ ପରିଶ୍ରମ, ନିଷ୍ଠା ଓ ତ୍ୟାଗ କରି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଚାକିରିପ୍ରାର୍ଥୀ ଓ ଛାତ୍ରଛାତ୍ରୀମାନେ ଯେତେବେଳେ ଏପରି ଜାଲିଆତିର ଶିକାର ହୁଅନ୍ତି, ସେତେବେଳେ ସେମାନଙ୍କ କ୍ରୋଧ ଓ ନିରାଶା ସ୍ୱାଭାବିକ। କିନ୍ତୁ ଏହି କ୍ରୋଧକୁ ସଠିକ୍ ଦିଗରେ ଚାଳିତ କିବା ଏବଂ ନିଜର ଦାବିକୁ ଶାନ୍ତିପୂର୍ଣ୍ଣ ଓ ନିୟମାନୁଗତ ଭାବେ ଉପସ୍ଥାପନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସୁଯୋଗର କିଛି ଦେଶବିରୋଧୀ ଓ ସ୍ୱାର୍ଥପର ଗୋଷ୍ଠୀ ଛାତ୍ର ଆନ୍ଦୋଳନକୁ ନିଜର ଆୟୁଧ କରିବାକୁ ଚେଷ୍ଟା କରୁଛନ୍ତି। ଆନ୍ଦୋଳନ ପାଇଁ ପ୍ରଚୁର ପରିମାଣର ଅର୍ଥ ଯୋଗାଇବା, ସାମାଜିକ ଗଣମାଧ୍ୟମରେ ଗୁଜବ ପ୍ରଚାର କରିବା ଏବଂ ଛାତ୍ରମାନଙ୍କୁ ହିଂସାତ୍ମକ ପନ୍ଥା ଆପଣାଇବା ପାଇଁ ଉସ୍କାଇବା ପଛରେ ବାହାରର ସଙ୍କେତ ସ୍ପଷ୍ଟ ଜଣାପଡୁଛି। ଏହିପରି ଗୋଷ୍ଠୀମାନେ ଛାତ୍ରମାନଙ୍କ ମଙ୍ଗଳ ଚାହାଁନ୍ତି ନାହିଁ ବରଂ ଦେଶରେ ଅସ୍ଥିରତା ସୃଷ୍ଟି କରି ନିଜର ଅଭିସନ୍ଧି ପୂରଣ କରିବାକୁ ଚାହାଁନ୍ତି। ତେଣୁ ଛାତ୍ରସମାଜ ଏପରି ଚକ୍ରାନ୍ତପ୍ରତି ସଜାଗ ରହିବା ଜରୁରୀ। ଅପରପକ୍ଷରେ, ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଫାଷ୍ଟ-ଟ୍ରାକ୍ କୋର୍ଟ କେବଳ ଏକ ଘୋଷଣାରେ ସୀମିତ ନରହି ଏହାର ତୁରନ୍ତ କାର୍ଯ୍ୟକାରିତା ଆବଶ୍ୟକ। ଯେଉଁମାନେ ପରୀକ୍ଷା ପରିଚାଳନାରେ ଅସାଧୁତା ଅବଲମ୍ବନ କରୁଛନ୍ତି, ପ୍ରଶ୍ନପତ୍ର ବିକ୍ରି କରୁଛନ୍ତି କିମ୍ବା ଏହି ଅପରାଧିକ ଚକ୍ର ସହ ଜଡିତ ଅଛନ୍ତି, ସେମାନଙ୍କ ବିରୋଧରେ ଦ୍ରୁତ ବିଚାର କରାଯାଇ କଠୋର ଦଣ୍ଡବିଧାନ କରାଯାଉ। ଏହାଦ୍ୱାରା ଅପରାଧୀଙ୍କ ମନରେ ଭୟ ସୃଷ୍ଟି ହେବ ଏବଂ ଭବିଷ୍ୟତରେ କେହି ଏପରି ହୀନ କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ। ଶେଷରେ, ଦେଶର ଭବିଷ୍ୟତ ଯୁବପିଢିଙ୍କ ହାତରେ ସୁରକ୍ଷିତ। ସରକାର, ପ୍ରଶାସନ ଏବଂ ସମାଜ ମିଳିମିଶି ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ସୁରକ୍ଷିତ ଓ ଦୋଷମୁକ୍ତ କରିବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ। ସେହିପରି ଛାତ୍ରସମାଜ ନିଜର ନ୍ୟାଯ୍ୟ ଦାବି ପାଇଁ ଆଇନଗତ ଓ ଶାନ୍ତିପୂର୍ଣ୍ଣ ବାଟରେ ଆଗେଇ ଚାଲିଲେ ହିଁ ପ୍ରକୃତ ନ୍ୟାୟ ମିଳିପାରିବ ଏବଂ ସେମାନଙ୍କ ଭବିଷ୍ୟତ ଆଲୋକିକ ହୋଇପାରିବ। ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା, ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ରୋକିବା ଏବଂ ମେଧାବୀ ଯୁବପିଢିଙ୍କ ପ୍ରକୃତ ନ୍ୟାୟ ଦାବି କରି ଆରମ୍ଭ ହୋଇଥିବା ଛାତ୍ର ଆନ୍ଦୋଳନ ଆଜି ଏକ ଭିନ୍ନ ଓ ଚିନ୍ତାଜନକ ଦିଗକୁ ଗତି କରୁଥିବା ପରିଲକ୍ଷିତ ହେଉଛି। ଯେଉଁ ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ ଥିଲା ଛାତ୍ରସମାଜର ଭବିଷ୍ୟତ ସୁରକ୍ଷା ଓ ଶିକ୍ଷା ସଂସ୍କାର, ତାହା ଆଜି ରାଜପଥରେ ହିଂସା, ପୋଲିସ ସହ ସଂଘର୍ଷ, ସାର୍ବଜନୀନ ସମ୍ପତ୍ତି ନଷ୍ଟ ଏବଂ ସୀମହୀନ ରାଜନୈତିକ କାଦୁଅଫିଙ୍ଗାର ରୂପ ନେଇସାରିଛି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରତ୍ୟେକ ନାଗରିକ ଓ ଛାତ୍ରଙ୍କର ମୌଳିକ ଅଧିକାର। କିନ୍ତୁ ଯେତେବେଳେ ଆନ୍ଦୋଳନ ସୀମା ଟପି ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି କରେ, ରାଜଧାନୀର ରାସ୍ତାଘାଟ ବନ୍ଦ ହୋଇପଡେ, ସୁରକ୍ଷାକର୍ମୀଙ୍କ ଉପରକୁ ପଥର ଫିଙ୍ଗାଯାଏ ଏବଂ ବ୍ୟାପକ ଭଙ୍ଗାରୁଜା କରାଯାଏ, ସେତେବେଳେ ଏହାର ଗାମ୍ଭୀର୍ଯ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଆଜି (ଉଔଚ) ଓ ବିଭିନ୍ନ ବିରୋଧୀ ଦଳ ଦ୍ୱାରା ସଂଚାଳିତ ଏହି ଆନ୍ଦୋଳନରେ ପ୍ରକୃତ ପରୀକ୍ଷାର୍ଥୀ ଓ ଛାତ୍ରଙ୍କ ସ୍ୱର ଅପେକ୍ଷା ରାଜନୈତିକ ସ୍ୱାର୍ଥସାଧନର ଚକ୍ରାନ୍ତ ସ୍ପଷ୍ଟ ଶୁଣାଯାଉଛି। ସରକାର ପ୍ରଶ୍ନପତ୍ର ଲିକ୍ କାରବାର ବିରୋଧରେ କଠୋର ଆଇନ ପ୍ରଣୟନ କରିବା ସହ ଫାଷ୍ଟ-ଟ୍ରାକ୍ କୋର୍ଟ ମାଧ୍ୟମରେ ଦୋଷୀଙ୍କୁ ତୁରନ୍ତ ସାଜା ଦେବାକୁ ନିଷ୍ପତି ନେଇସାରିଛନ୍ତି। ଏହି ପରିସ୍ଥିତିରେ ହିଂସାତ୍ମକ ବାଟ ଗ୍ରହଣ କରିବା ଦ୍ୱାରା କେବଳ ପରୀକ୍ଷାର୍ଥୀଙ୍କ ସମୟ ଓ ଭବିଷ୍ୟତ ନଷ୍ଟ ହେବ। ହିଂସା କେବେହେଲେ ନ୍ୟାୟ ଦେଇପାରିବ ନାହିଁ। ଆନ୍ଦୋଳନକୁ ଭୁଲ ଦିଗରୁ ଫେରାଇ ଆଣି ଆଇନଗତ ଓ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବା ହିଁ ଛାତ୍ରସମାଜ ଓ ଦେଶ ପାଇଁ ଶ୍ରେୟସ୍କର। ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ସମସ୍ୟା ଆଜି ଦେଶର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ସେମାନଙ୍କ ବର୍ଷ ବର୍ଷର କଠିନ ପରିଶ୍ରମ ଏବଂ ସମଗ୍ର ଶିକ୍ଷା ବ୍ୟବସ୍ଥାର ଆସ୍ଥା ପ୍ରତି ଏକ ଗମ୍ଭୀର ଆହ୍ୱାନ ସୃଷ୍ଟି କରିଥିବା ବେଳେ ଏହି ଗୁରୁତର ପରିସ୍ଥିତିକୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଶ୍ନପତ୍ର ଲିକ୍ ସମ୍ବନ୍ଧୀୟ ମାମଲାଗୁଡିକର ତ୍ୱରିତ ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାର ନିଷ୍ପତି ଏକ ସମୟୋପଯୋଗୀ, ଦୃଢ ଏବଂ ନିର୍ଣ୍ଣାୟକ ପଦକ୍ଷେପ ହୋଇଥିବା ସହ ଦୋଷୀମାନଙ୍କୁ ଆଇନର ପରିସର ମଧ୍ୟରେ ଆଣି ଦ୍ରୁତ ଓ କଠୋର ଦଣ୍ଡବିଧାନ କରିବା ଏବଂ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ସରକାରଙ୍କ ଏହି ଅଙ୍ଗୀକାରବଦ୍ଧତା ଯୁବପିଢିଙ୍କ ମନରେ ନୂତନ ଆଶା ସଂଚାର କରିଛି। ସରକାର ସ୍ପଷ୍ଟ କରିଛନ୍ତି ଯେ ଯୁବପିଢିଙ୍କ ଭବିଷ୍ୟତ ସହ ଖେଳୁଥିବା ଅପରାଧୀମାନଙ୍କୁ କୌଣସି ପରିସ୍ଥିତିର ବି ଛଡାଯିବ ନାହିଁ ଏବଂ ଏହି ନିଷ୍ପତି କେବଳ ଏକ ଘୋଷଣା ନୁହେଁ ବରଂ ଶିକ୍ଷା ବ୍ୟବସ୍ଥାରେ ଶୂନ୍ୟ ସହନଶୀଳତା ନୀତିର ଏକ ବାସ୍ତବ ପ୍ରତିଫଳନ ଅଟେ। ଯେତେବେଳେ ଆଇନଗତ ପ୍ରକ୍ରିୟା ଶୀଘ୍ର ଶେଷ ହେବ ଏବଂ ଅପରାଧୀମାନଙ୍କୁ ବିଳମ୍ବ ନକରି ଉଚିତ ଶାସ୍ତି ପ୍ରଦାନ କରାଯିବ, ସେତେବେଳେ ଆଇନଗତ ପ୍ରକ୍ରିୟା ଶୀଘ୍ର ଶେଷ ହେବ ଏବଂ ଅପରାଧୀମାନଙ୍କୁ ବିଳମ୍ବ ନକରି ଉଚିତ ଶାସ୍ତି ପ୍ରଦାନ କରାଯିବ, ସେତେବେଳେ ସଂଗଠିତ ଅପରାଧୀ ଚକ୍ରଗୁଡିକ ମଧ୍ୟରେ ଭୟ ସୃଷ୍ଟି ହେବ ଏବଂ ଭବିଷ୍ୟତରେ ଏପରି ଅସାଧୁ କାର୍ଯ୍ୟ କରିବାକୁ କେହି ସାହସ କରିବେ ନାହିଁ। ଅନ୍ୟପଟେ, ସାମ୍ପ୍ରତିକ ସମୟରେ କୋକ୍ରୋଚ ଜନତା ପାର୍ଟି ଏବଂ କେତେକ ବିରୋଧୀ ଦଳ ଦ୍ୱାରା ଚାଲିଥିବା ଆନ୍ଦୋଳନକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, କାରଣ ଗଣତନ୍ତ୍ରରେ ନିଜର ଦାବି ଉପସ୍ଥାପନ କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପ୍ରତ୍ୟେକ ନାଗରିକଙ୍କର ସାମ୍ବିଧାନିକ ଅଧିକାର ହୋଇଥିଲେ ହେଁ, ଯେତେବେଳେ ଏକ ଛାତ୍ର ଆନ୍ଦୋଳନ ନିଜର ମୂଳ ଆଭିମୁଖ୍ୟରୁ ଓହରି ଯାଇ ରାଜପଥରେ ହିଂସା, ସାର୍ବଜନୀନ ସମ୍ପତ୍ତି ନଷ୍ଟ, ପୋଲିସ ସହ ସଂଘର୍ଷ ଏବଂ ସୀମହୀନ ରାଜନୈତିକ କାଦୁଅଫିଙ୍ଗାର ରୂପ ନିଏ, ସେତେବେଳେ ଏହା ପଛରେ କିଛି ବାହାର ଶକ୍ତି ଓ ସ୍ୱାର୍ଥପର ଗୋଷ୍ଠୀର ହାତ ଥିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ପରୀକ୍ଷାରେ ସ୍ୱଚ୍ଛତା ଦାବି କରିବା ଛାତ୍ରମାନଙ୍କର ନ୍ୟାଯ୍ୟ ଅଧିକାର ମାତ୍ର ସରକାର ଯେତେବେଳେ ଆଇନଗତ ସଂସ୍କାର ଓ ଫାଷ୍ଟ-ଟ୍ରାକ୍ କୋର୍ଟ ପରି କଠୋର ନିଷ୍ପତି ନେଉଛନ୍ତି, ସେତେବେଳେ ଆନ୍ଦୋଳନକୁ ଉତ୍ତେଜିତ କରି ଦେଶରେ ଅରାଜକତା ସୃଷ୍ଟି କରିବା ଦ୍ୱାରା ପ୍ରକୃତ ପରୀକ୍ଷାର୍ଥୀଙ୍କ କୌଣସି ଲାଭ ହୁଏନାହିଁ, ବରଂ ସେମାନଙ୍କ ସମୟ ଓ ଭବିଷ୍ୟତ ଆହୁରି ଅନିଶ୍ଚିତତା ଆଡକୁ ଗତ କରେ। ଆନ୍ଦୋଳନକୁ ସୂଚାରୁ ରୂପେ ଚଳାଇବା ନାମରେ ବାହାରୁ ଆର୍ଥିକ ସହାୟତା ଯୋଗାଇଦେବା, ସାମାଜିକ ଗଣମାଧ୍ୟମରେ ଗୁଜବ ପ୍ରଚାର କରିବା ଏବଂ କୋମଳମତି ଛାତ୍ରମାନଙ୍କୁ ଉସ୍କାଇବା ପଛରେ ରାଜନୈତିକ ରୋଟି ସେକିବାର ଅଭିସନ୍ଧି ସ୍ପଷ୍ଟ ଜଣାପଡୁଛି।

# ତ୍ରିମୂର୍ତ୍ତିତଥା ଚତୁର୍ଦ୍ଧାମୂର୍ତ୍ତି ରହସ୍ୟ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶ୍ରୀ ମନ୍ଦିରର ରତ୍ନ ସିଂହାସନରେ ସପ୍ତବିଗ୍ରହ ବିରାଜମାନ। ଏ ସମ୍ପର୍କରେ ଯଥାର୍ଥରେ କୁହାଯାଇଛି, 'ସପ୍ତଭରଣ ସଂଯୁକ୍ତଂ ନୀଳାଦ୍ରିମଣ୍ଡନପରମ୍। ଶ୍ରୀ ଭୂ ମାଧବ ଚକ୍ରଶ୍ଚ ଚକ୍ରୀଭଦ୍ରାହଳୀ କ୍ରମାତ୍।।' ଅର୍ଥାତ୍ ନୀଳାଦ୍ରିମଣ୍ଡନସ୍ଥ ସପ୍ତ ବିଗ୍ରହ ହେଲେ ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା, ଶ୍ରୀଜଗନ୍ନାଥ, ଶ୍ରୀସୁଦର୍ଶନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀ ମାଧବ। ଏ ସମସ୍ତ ଦେବ ଦେବୀ ଅତ୍ୟନ୍ତ ରହସ୍ୟମୟ। କିନ୍ତୁ ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ, ଏ ତ୍ରିମୂର୍ତ୍ତିଙ୍କୁ ଏବଂ ସୁଦର୍ଶନଙ୍କୁ ସାମିଲ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଥାଏ। ଏମାନେ ପ୍ରାୟ ସମସ୍ତଙ୍କର ଦୃଷ୍ଟି ଗୋଚର ହୋଇଥାନ୍ତି। ପ୍ରଥମେ ତ୍ରିମୂର୍ତ୍ତିଙ୍କ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଯାଉ।

ତ୍ରିମୂର୍ତ୍ତି ରହସ୍ୟ : ଗବେଷକମାନଙ୍କମତରେ ତ୍ରିମୂର୍ତ୍ତି ହେଉଛି ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗର ପ୍ରତୀକ। ବଳଭଦ୍ର ହେଉଛନ୍ତି ଜ୍ଞାନଯୋଗୀ, ସୁଭଦ୍ରା କର୍ମଯୋଗୀ ଓ ଜଗନ୍ନାଥ ଭକ୍ତିଯୋଗୀ। ଶ୍ରୀମଦ୍ ଭଗବତ ଗୀତା ଅନୁଯାୟୀ କେବଳ କର୍ମ, କେବଳ ଜ୍ଞାନ ଓ କେବଳ ଭକ୍ତିର ସ୍ଥିତି ନାହିଁ। କର୍ମୀର ହାତ, ଜ୍ଞାନର ଚକ୍ଷୁ ଓ ଭକ୍ତର ହୃଦୟ, ଏହି ତିନିଗୋଟିର ସମନ୍ୱୟରେ ତ୍ରିବେଣୀ ସଙ୍ଗମ ହୁଏ, ଫଳରେ ମାନବ ଜୀବନ ସାର୍ଥକ ହୋଇଥାଏ।

ତ୍ରିମୂର୍ତ୍ତି ଓ ଓଁକାର ବ୍ରହ୍ମ : ବେଦରେ ଓଁକାରକୁ ବ୍ରହ୍ମ ଲିପି ପ୍ରତିପାଦନ କରାଯାଇଅଛି। ଓଁକାର ଅକାର, ଉ କାର ଓ ମ କାରର ସମଷ୍ଟି। ଓଁ = ଅ+ଉ+ମ । ଅ କାର ବ୍ରହ୍ମାତ୍ମକ ଉ କାର ବିଷ୍ଣାତ୍ମକ ଏବଂ ମ କାର ଶିବାତ୍ମକ ଅଟେ। ତେଣୁ ବ୍ରହ୍ମ, ବିଷ୍ଣୁ ଓ ମହେଶ୍ୱରଙ୍କ ସମଷ୍ଟି ହିଁ ଓଁ। ଏତଦ ବ୍ୟତୀତ ଉକ୍ତ ତିନି ଅକ୍ଷର ସତ୍ତ୍ୱ, ରଜ ଓ ତମ, ସତ୍ୟ, ତ୍ରେତୟା ଓ ଦ୍ୱାପର, ଏବଂ ଭୂଃ, ଭୂବଃ ଓ ସ୍ୱଃ ପ୍ରଭୃତିକୁ ବୁଝାଇଥାଏ। ପୁନଶ୍ଚ ଅ ହିଁ ବିଶ୍ୱ, ଉ ତେଜସ୍, ଓ ମ ପ୍ରାଜ୍ଞ। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଜଗନ୍ନାଥଙ୍କୁ ପ୍ରଣବରୂପୀ ବୋଲି କୁହାଯାଇଛି। ଯଥା – 'ଇତିସ୍ତୁତ୍ୱା ସୁରେଶାନଂ ଦେବଂ ପ୍ରଣବରୂପିଣମ୍।' ସାରଳା ଦାସଙ୍କ ମତରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ଯଥାକ୍ରମେ ହର, ବ୍ରହ୍ମା ଓ ହରି ଅଟନ୍ତି। ଏହି ମୂର୍ତ୍ତି ହିଁ ବ୍ରହ୍ମା, ବିଷ୍ଣୁ ମହେଶ୍ୱର। ଯଥା 'ରାମ କୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା, ଶୀପୁରୁଷୋତ୍ତମ ବିଜେ ହରିହର ବ୍ରହ୍ମା।' ତ୍ରିମୂର୍ତ୍ତି ହିଁ ତ୍ରିବୀଜ : ଦିବାକାର ଦାସ ଶ୍ରୀଜଗନ୍ନାଥ ଚରିତାମୃତରେ ପ୍ରକାଶ କରିଛନ୍ତି ଯେ ବଳଭଦ୍ରଙ୍କର ହେଉଛି ଶ୍ରୀ ବୀଜ, ସୁଭଦ୍ରାଙ୍କର ହ୍ରୀଁ ବୀଜ ଓ ଜଗନ୍ନାଥଙ୍କ ହେଉଛି କ୍ଲୀଁ ବୀଜ। ତାଙ୍କ ଭାଷାରେ 'ଶ୍ରୀଁ ବୀଜ ଭଳଭଦ୍ର ହୋନ୍ତି। ହ୍ରୀଁ ବୀଜ ସୁଭଦ୍ରା ମୂରତ୍ତି। କ୍ଲୀଁ ବୀଜ ଜଗନ୍ନାଥ ଭାବ। ଏ ରୂପେ ନୈବେଦ୍ୟଦେବ।'

ତ୍ରିମୂର୍ତ୍ତି ତିନି ସାଙ୍କେତିକ ରୂପ : ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଯଥାକ୍ରମେ କୃଷ୍ଣ, ଶ୍ୱେତ ଓ ପୀତବର୍ଣ୍ଣ ବିଶିଷ୍ଟ। ଏମାନେ ପୃଥିବୀର ତିନିବର୍ଣ୍ଣର ମନୁଷ୍ୟ ଭିତରେ ସାମ୍ୟ ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ତିନୋଟି ସାଙ୍କେତିକ ରୂପ। ଆଫ୍ରିକା ଓ ଏସିଆର କୃଷ୍ଣାଙ୍ଗ, ୟୁରୋପ ଓ ଆମେରିକାର ଶ୍ୱେତାଙ୍ଗ ଏବଂ ଚୀନ ତିବ୍ବତର ପୀତାଙ୍ଗମାନଙ୍କ ମଧ୍ୟରେ ସାର୍ବଜନୀନ ମୈତ୍ରୀ, ସାମ୍ୟ, ସମନ୍ୱୟ ତଥା ମିଳନର ଅଭିମନ୍ତ୍ର ଶୁଣାଇବାପାଇଁ ବୋଧ ହୁଏ ଅବତୀର୍ଣ୍ଣ। ଶ୍ରୀଜଗନ୍ନାଥଙ୍କର ବାନା ପତିତପାବନ ହୋଇଥିବାରୁ ଏବଂ ସେ ଦୀନବନ୍ଧୁ, ଆର୍ତ୍ତତ୍ରାଣ, ବୋଲାଯାଉଥିବାରୁ ଅପେକ୍ଷାକୃତ ନିର୍ଦ୍ଧନ ତଥା ଅବହେଳିତ ଏସିଆ ଆଫ୍ରିକାର ଲୋକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଏବଂ ସେମାନଙ୍କ ପରି ନିଜେ କୃଷ୍ଣବର୍ଣ୍ଣ ହୋଇଥିବା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ।

ତ୍ରିମୂର୍ତ୍ତି ହେଉଛନ୍ତି ତିନିଜଣ ଠାକୁରାଣୀ : ତନ୍ତ୍ରଶାସ୍ତ୍ରରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ତିନିଦେବୀ ବୋଲି ବର୍ଣ୍ଣନା କରାଯାଇଛି। ଯଥା 'ଉଗ୍ରତାରା ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ। ନୀଳାଦୌସ୍ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା।' ଅର୍ଥାତ୍ ବଳଭଦ୍ର ହେଉଛନ୍ତି ଉଗ୍ରତାରା, ସୁଭଦ୍ରା, ଭୁବନେଶ୍ୱରୀ ଏବଂ ଜଗନ୍ନାଥ ହେଉଛନ୍ତି ଦକ୍ଷିଣକାଳୀ। ସପ୍ତଶତୀ ଚଣ୍ଡୀରେ ତିନିଦେବୀଙ୍କ ତତ୍ତ୍ୱ ଓ ଧ୍ୟାନ ପରିବେଷିତ ହୋଇଅଛି। ସେମାନେ ହେଲେ ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀ।

ରତ୍ନସିଂହାସନସ୍ଥ ସପ୍ତବିଗ୍ରହ, ତ୍ରିମୂର୍ତ୍ତି, ଏବଂ ଚତୁର୍ଦ୍ଧାମୂର୍ତ୍ତି ଅତ୍ୟନ୍ତ ରହସ୍ୟମୟ ହେଲେ ହେଁ ଶ୍ରୀଜଗନ୍ନାଥ ଯେ ଏକାକୀ ସମସ୍ତ ଚିନ୍ତନ ଚକ୍ରର ଅବ୍ୟକ୍ତ ମୂଳାଧାର, ଏହା ନିଃସନ୍ଦେହ। ତ୍ରିମୂର୍ତ୍ତି ତଥା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଓଁକାର ଭାବରେ, ବ୍ରହ୍ମାବିଷ୍ଣୁ ମହେଶ୍ୱର ଭାବରେ, ବୌଦ୍ଧ ଧର୍ମର ବୁଦ୍ଧ ସଂଘ ଧର୍ମ ଭାବରେ ସତ୍‌ଚିତ୍ ଆନନ୍ଦ ଭାବରେ, ଋକ ଯଜୁ, ସାମ ଭାବରେ ହ୍ରୀଁ ଶ୍ରୀଁ କ୍ଲୀଁ ବୀଜ ଉପରେ କୃଷ୍ଣ ଶ୍ୱେତ ପୀତ ବର୍ଣ୍ଣ ଭାବରେ, ସତ୍ତ୍ୱ ରଜତମ ଭାବରେ, କର୍ମଜ୍ଞାନ ଓ ଭକ୍ତି ଭାବରେ ଏବଂ ଶିବ, ଶକ୍ତି ବିଷ୍ଣୁ ଭାବରେ ପ୍ରତିପାଦିତ କରାଯାଇଅଛି। ଏ ସମ୍ବନ୍ଧୀୟ ତତ୍ତ୍ୱ ଓ ତଥ୍ୟ ଅତ୍ୟନ୍ତ ବ୍ୟାପକ, ଅନନ୍ତ ଓ ଅତ୍ୟନ୍ତ ରହସ୍ୟାବୃତ୍ତ। ଚତୁର୍ଦ୍ଧାମୂର୍ତ୍ତି ଏକ ତଥା ଅଭିନ୍ନ, ଏହା ମଧ୍ୟ ପ୍ରତିପାଦିତ ହୋଇଅଛି। ବିଭିନ୍ନ ଧର୍ମାବଲମ୍ବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କର ଆରାଧ୍ୟ ଦେବ ଦେବୀଙ୍କୁ ରତ୍ନସିଂହାସନସ୍ଥ କରିବା ଯୁକ୍ତିଯୁକ୍ତ ପରି ମନେହୁଏ। ସେ ଯାହାହେଉ ଏ ସମସ୍ତ ବିଷୟ କେବଳ ମାନସିକ ପରିକଳ୍ପନା। ତ୍ରିମୂର୍ତ୍ତି କିଏ, କ'ଣ ସେ ବିଷୟ ଶ୍ରୀଜଗନ୍ନାଥଙ୍କୁ ହିଁ ଜଣା। ସର୍ବ ରହସ୍ୟ ପୁରୁଷୋତ୍ତମ ଦେବେ। ନ ଜାନାତି କୁତ ମନୁଷ୍ୟଃ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଶରୀରଂ ଆଦ୍ୟଂ ଖଲୁଧର୍ମ ସାଧନମ୍

ବିଜୟ କୁମାର ପୃଷ୍ଟି

ଏବେ ନିକଟରେ ଭାରତର ବିଭିନ୍ନ ସ୍ଥାନରେ 'ଜାତୀୟ ଡାକ୍ତର ଦିବସ' ପାଳିତ ହୋଇଯାଇଛି, ଇଲେକ୍ଟ୍ରିକ ଏବଂ ପ୍ରିଣ୍ଟ ମିଡ଼ିଆରୁ ଏହାର ସାର ମର୍ମ ବୁଝି ପାରିଥିବେ। ତତ୍ ସହିତ ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା ଆନୁକୂଲ୍ୟରେ ଏକ ଦିନିକିଆ ସାମଗ୍ରୀକ ସ୍ୱାସ୍ଥ୍ୟସେବା ସମ୍ମିଳନୀ ମଧ୍ୟ ଭୁବନେଶ୍ୱରସ୍ଥ ସାଇ ଜନନୀ ହଲରେ ପାଳିତ ହୋଇ ବହୁ ଡାକ୍ତରଙ୍କୁ ସମ୍ମାନିତ କରାଯାଇଛି। କାରଣ ସାଧାରଣ ଭାବେ ଆମେ ସ୍ୱତଃ ଭାବୁ 'ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ'।

ଆପଣମାନେ ଜାଣିଥିବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ର ଘୋଷଣା ଅନୁଯାୟୀ ପ୍ରକୃତ ସ୍ୱାସ୍ଥ୍ୟର ସଂଜ୍ଞା ହେଉଛି କେବଳ ରୋଗ ବିହୀନ ଶରୀର ସୁସ୍ଥତା ହିଁ ବରଂ ଶରୀରିକ, ମାନସିକ, ସାମାଜିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟର ସମାହାର ହିଁ ପ୍ରକୃତ ସ୍ୱାସ୍ଥ୍ୟ। ଏହା ପ୍ରକୃତିଦ। ଅମୃତସ୍ୟ ପୁତ୍ରାଃ। ପ୍ରକୃତିର ପାଞ୍ଚ ମହାଭୂତରେ ଆମ ଶରୀର ଗଠିତ ଏବଂ ଏହି ପଞ୍ଚ ମହାଭୂତ ଦ୍ୱାରା ହିଁ ଶରୀରର ରୋଗ ଉପଶମ ସମ୍ଭବ। ଅର୍ଥାତ୍ ପ୍ରକୃତିର ନିୟମାଯାୟୀ ଜୀବନଯାପନ କଲେ ହିଁ ଏକ ନିରାମୟ ଜୀବନ ସମ୍ଭବ ହୋଇଥାଏ।

ଆମ ସରକାରଙ୍କ କାର୍ଯ୍ୟକଳାପକୁ ଟିକିଏ ଦେଖିବା ଭାରତୀୟ ଭେଷଜ ଓ ହୋମିଓପାଥି (Indian System of Medicine and Homocopathy) ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିନରେ ଏହି ବିଭାଗଟି ଥିଲା ଏକ ପ୍ରକାର ସ୍ଥାଣୁ। ୨୦୦୪ ମସିହାରେ ସ୍ୱର୍ଗତଃ ସୁଷମା ସ୍ୱରାଜଙ୍କ ପ୍ରଚେଷ୍ଟାରେ ଏହାକୁ ଏକ ଆୟୁଷ ବିଭାଗ କରାଗଲା ଏବଂ କାଳକ୍ରମେ ଏହା ଏକ ସ୍ୱତନ୍ତ୍ର ଆୟୁଷ ମନ୍ତ୍ରାଳୟର ରୂପ ନେଲା। ଆଧୁନିକ ସ୍ୱାସ୍ଥ୍ୟ ସେବାର ଏକ ଏକ ବିକଳ୍ପ ଚିକିତ୍ସାରେ ପ୍ରମାଣିତ ହେଲା। ଯାହା କି ଜନସାଧାରଣଙ୍କ ଦ୍ୱାରା ଆଦୃତ ହେଲା ଏବଂ ରୋଗର ମୂଳ କାରଣଟି ଲୋପ ପାଇବାରୁ ସେ ରୋଗଟି ମୂଳୋତ୍ପାଟନ ହୋଇଗଲା। ସମୟ କ୍ରମେ ଏହି ଚିକିତ୍ସା ଆଦର ପାଇଲା। ଆମ୍ଭମାନଙ୍କର ଏହି ଆୟୁଷ ବିଭାଗ ବିଷୟରେ ସମ୍ୟକ ଧାରଣା ହେବା ଦରକାର ଯାହାକୁ ବର୍ତ୍ତମାନ ସରକାର ଅଧିକ ପ୍ରୋତ୍ସାହିତ କରୁଛନ୍ତି। AYUSH - A yurveda, Y Yogo & Naturepathy, U-Unani, S-Siddha and H- Homoeopahty ö ଏହି ଆୟୁଷ ଚିକିତ୍ସା ପଦ୍ଧତି ହେଉଛି ଆଧୁନିକ ଚିକିତ୍ସା ପଦ୍ଧତିର ଏକମାତ୍ର ବିକଳ୍ପ। ଚିକିତ୍ସା ପଦ୍ଧତି ହେଉଛି ଭାରତର ବହୁ ପୁରାତନ ଏବଂ ଆମ ବେଦ ବେଦାନ୍ତର ପ୍ରାଞ୍ଜଳ ଭାବେ ଲିଖିତ ଅଛି। ଆୟୁର୍ବେଦରେ ରହିଛି ପଥ୍ୟ ଉପଯୁକ୍ତ ଖାଦ୍ୟ ହେଉଛି ଔଷଧ ହେଉଛି ପଥ୍ୟ। ମୋଟାମୋଟି କହିବାକୁ ଗଲେ ଆଧୁନିକ ଚିକିତ୍ସାର ଏକମାତ୍ର ବିକଳ୍ପ ହେଲା ଆୟୁଷ ଚିକିତ୍ସା।

ଆଧୁନିକ ଚିକିତ୍ସା ପଦ୍ଧତି (Modern Medicine) ସାରା ବିଶ୍ୱରେ ବିଭିନ୍ନ ପରୀକ୍ଷାଗାରରେ ବୈଜ୍ଞାନିକ ମତ ସ୍ୱୀକୃତିପ୍ରାପ୍ତ ଔଷଧ ଯାହା ବହୁ ବଡ଼ ବଡ଼ ରୋଗର ଉପଶମ କରିପାରିବ। ତେଣୁ ସାରା ମନୁଷ୍ୟ ସମାଜରେ ଏହା ବହୁଳ ଭାବର ଆଦୃତ। ସେଥିପାଇଁ ଡାକ୍ତର ମାନଙ୍କୁ କୁହାଯାଏ ଦ୍ୱିତୀୟ ଭଗବାନ। କିନ୍ତୁ ଏଇଠି ଏକ ରହସ୍ୟ ରହିତ ରୋଗର ମୂଳକାରଣକୁ ଦମନ ନକରି କେବଳ ରୋଗର ପ୍ରଭାବକୁ ଭଲ କରିଦିଏ, ଯାହାକି ଆୟୁଷ ଚିକିତ୍ସା ଦ୍ୱାରା ରୋଗର ମୂଳକାରଣ ବାହାର କରି ତାହା ହିଁ ନଷ୍ଟ କରି ଦିଆଯାଏ। ଆପଣ ମାନଙ୍କୁ ମନେ ପକାଇ ଦେବାକୁ ଚାହେଁ ହୁର ୨୦୧୧ ଘୋଷଣାନୁଯାୟୀ "The Higher Antibiotic will not work today and not cure tomorrow". ଅର୍ଥାତ୍ ଦିନେ ଯେଉଁ ପେନସିଲିନ ଇଞ୍ଜେକ୍ସନକୁ ଜୀବନ ରକ୍ଷାକାରୀ ଔଷଧ ବୋଲି କୁହାଯାଉଥିଲା ତାହା ଆଜି ମନୁଷ୍ୟ ଶରୀରର ରୋଗ ଉପଶମ କରିପାରୁ ନାହିଁ। ଅର୍ଥାତ୍ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଉଛି। ଫଳରେ ରୋଗ ଆକ୍ରମଣ କରୁଛି। ଏହାର ଏକମାତ୍ର କାରଣ ହେଲା ଡାକ୍ତରଙ୍କ ପରାମର୍ଶ ଅନୁସାରେ ଉପଯୁକ୍ତ ଔଷଧ ସେବନ କରିବା ସହ ପ୍ରତ୍ୟହ ନିଜ ଜୀବନଶୈଳୀରେ ପରିବର୍ତ୍ତନ କରିବା ଅର୍ଥାତ୍ ପ୍ରାକୃତିକ ଜୀବନଶୈଳୀରେ ଜୀବନଯାପନ କଲେ ନିରାମୟ ଜୀବନ ସମ୍ଭବ ହୋଇ ପାରିବ। ସେଥିପାଇଁ ଅଛି ଶରୀରର ସୁସ୍ଥତା ପାଇଁ ସାମଗ୍ରୀକ ଚିକିତ୍ସା ସେବାର ଆବଶ୍ୟକତା ଅଛି।

ଆପଣ ଦୈନିକ ଖବର କାଗଜ ପଢ଼ନ୍ତୁ, ରେଡ଼ିଓ ଶୁଣନ୍ତୁ କିମ୍ବା ଟେଲିଭିଜନ ଦେଖନ୍ତୁ ସବୁର ମୂଳ ହେଲା ଉପଯୁକ୍ତ ସ୍ୱାସ୍ଥ୍ୟ ପାଇଁ କେବଳ ଦୈନନ୍ଦିନ ପ୍ରାକୃତି ଜୀବନ ଶୈଳୀର ଅଭ୍ୟାସର ଆବଶ୍ୟକତା ରହିଛି। ତାହା ହେଲେ ଏ ପ୍ରାକୃତିକ ଜୀବନ ଶୈଳୀ କ'ଣ? ଆୟୁଷ ଚିକିତ୍ସା ପଦ୍ଧତି ଅନୁସାରେ ଏଶରୀର ସୃଷ୍ଟି ହେଉଛି ପଞ୍ଚ ମହାଭୂତର ଏବଂ ଏହାର ଚିକିତ୍ସା ମଧ୍ୟ ଏହି ପଞ୍ଚ ମହାଭୂତ (କ୍ଷୀତ, ଅପ୍, ତେଜ, ମରୁତ, ବୋମ, ମାଟି, ପାଣି, ଅଗ୍ନି, ପବନ ଓ ଆକାଶ) ମାଧ୍ୟମରେ ହେଲେ ଶରୀର ସୁସ୍ଥ ରହିବ। ପ୍ରତ୍ୟହ ବ୍ରହ୍ମମୁହୂର୍ତ୍ତର ଶଯ୍ୟାତ୍ୟାଗ କରି ଭଗବାନକୁ ପ୍ରାର୍ଥନା କରି ନିତ୍ୟକର୍ମ ସାରିବା ଉଚିତ। ଏହି ସମୟରେ ସ୍ନାନ କଲେ ତାହା ଅମୃତ ପାନ ସହ ସମାନ ହୋଇଯାଏ। ଶରୀରରକୁ ରକ୍ତ ସଂଞ୍ଚଳନକୁ ସନ୍ତୁଳନ କରିବାର ଶରୀର ସମସ୍ତ ଗଣ୍ଠିକୁ ସଚଳ କରିବାକୁ ହେଲେ ପ୍ରାତଃ ଭ୍ରମଣ, ଦୌଡ଼କୁଦ, ସାଇକେଲ ଚଳାଇବା ଇତ୍ୟାଦି ଏବଂ ସର୍ବୋତ୍କୃଷ୍ଟ ବ୍ୟାୟାମ ହେଉଛି ଯୋଗାଭ୍ୟାସ କରିବା ଏକାନ୍ତ ଆବଶ୍ୟକ। ଯୋଗାଭ୍ୟାସ ଦ୍ୱାରା ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ସବଳ ହେବା ସହ ନିଶ୍ୱାସ ପ୍ରଶ୍ୱାସର ଗତି ନିୟନ୍ତ୍ରିତ ସହ ଅମ୍ଳଜାନ ମିଳିଥାଏ। ଅର୍ନ୍ତମନ ପ୍ରଫୁଲ୍ଲିତ ହୁଏ, ପ୍ରକୃତିର ନିୟମ ହିତଭୁକ, ଋତୁଭୁକ ଏବଂ ମିତଭୁକ ଅନୁସାରେ ହିତକର ଖାଦ୍ୟ, ଋତୁ ଜାତୀୟ ଫଳମୂଳ ଏବଂ ପନିପରିବା ଏବଂ ଖାଦ୍ୟର ମିତ ବ୍ୟୟିତା ହେଲେ ଶରୀରର ଗଠନ ଠିକ ହୁଏ। ଉପଯୁକ୍ତ ଖାଦ୍ୟସାର ମିଳିଥାଏ। ଫଳରେ ମସ୍ତିଷ୍କକୁ ସଠିକ ରକ୍ତ ସଞ୍ଚାଳନ ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଏଥି ସହିତ ନିର୍ଦ୍ଧିଷ୍ଟ ସମୟରେ ଖାଦ୍ୟ ଗ୍ରହଣର ମହତ୍ୱ ରହିଛି। ନିଜ କର୍ମ କ୍ଷେତ୍ରରେ ସକରାତ୍ମକ ଭାବରେ ସମସ୍ତ କର୍ମକୁ ସୂଚାରୁରୂପେ ସଂପାଦନ କରିବା ଦ୍ୱାରା ମନରେ ବିଷାଦ ଭାବ କିମ୍ବା ହତାଶ ଭାବ ରହେନାହିଁ। ମନରେ ଶାନ୍ତି ଆସେ। ନିର୍ଦ୍ଧିଷ୍ଟ ସମୟର ବିଛଣା ତ୍ୟାଗ ଏବଂ ବିଛଣା ଗ୍ରହଣ ମଧ୍ୟ ଅତ୍ୟନ୍ତ ଜରୁରୀ। ଅର୍ଥାତ୍ ରାତି ୭/୮ ଘଣ୍ଟା ସୁଖନିଦ୍ରା ହେଉଛି ସ୍ୱାସ୍ଥ୍ୟର ଚାବିକାଠି। ସବୁବେଳେ ହସ ହସ ମୁହଁ ରହିବା ଏକ ମୂଲ୍ୟବାନ ଟନିକ। ଜଣେ ଡାକ୍ତରଙ୍କ ଭାଷାରେ ଔଷଧରେ କିଛି ଖୁସି ନଥାଏ ବରଂ ହସଖୁସି ହେଉଛି ଉତ୍କୃଷ୍ଟ ଔଷଧ ତେଣୁ ଆଜି ଉପଯୁକ୍ତ ସମୟ ଆସିଛି ଆମେ ଆମ ଶରୀରର ଯତ୍ନ ନେବା ଆମର ପ୍ରଥମ କର୍ତ୍ତବ୍ୟ। ତାହାହେଲେ ଯାଇ ଏକ ସୁସ୍ଥ ଶରୀର ପାଇବ – ଶରୀରଂ ଆଦ୍ୟଂ ଖଲୁ ଧର୍ମ ସାଧନମ୍।

ସମ୍ପାଦକ, ନିରାମୟ, କଟକ, ଦୂରଭାଷ : ୯୮୬୧୪୬୪୯୩୨

# ମହାପ୍ରଭୁଙ୍କ ଅଧରପଣା ନୀତି ଓ ଶୟନୋତ୍ସବ

ବିକ୍ରମ ମହାପାତ୍ର

ମହାପ୍ରଭୁ ଶ୍ରୀଜଗନ୍ନାଥ ବିଶ୍ୱର ବିସ୍ମୟ ଦେବତା। ନିଜେ ଏଭଳି ରହସ୍ୟାଚ୍ଛନ୍ନ ଯେ, ମନୁଷ୍ୟର ଚିନ୍ତା, ଚେତନା, ଆକଳନ ସବୁ ହାର ମାନିଯାଏ। ଏସବୁର ଅତୀତ, ଅତ୍ୟନ୍ତ ଗୂଢ଼ ଏବଂ ରହସ୍ୟାବୃତ୍ତ ତାଙ୍କର ମୂର୍ତ୍ତି ଏବଂ ଲୀଳା। ନୀତି ନିୟମ ମଧ୍ୟରେ କାଳାତିପାତ କରୁଥିବା ମହାପ୍ରଭୁ କାଳାତୀତ ଏବଂ ସବୁ ରୀତିନୀତିର ଉର୍ଦ୍ଧ୍ୱରେ। ଏହି ବ୍ୟତିକ୍ରମ ମଧ୍ୟରେ ଯେଉଁ ଦର୍ଶନ ଏବଂ ତତ୍ତ୍ୱ ରହିଅଛି ସେ କଥା କେବଳ ତାଙ୍କୁ ହିଁ ଜଣା। ସାଧାରଣ ମନୁଷ୍ୟର ବୁଦ୍ଧିବୃତ୍ତି ଏହି ଲୀଳା ପାଖରେ ସୁଦରର ପରାହତ। ଜଗନ୍ନାଥ ଚେତନା ହେଉଛି ଜଗନ୍ନାଥଙ୍କ ଚେତନା ବା ପ୍ରଭୁଙ୍କ ବିଷୟରେ ଆମେ ମନୁଷ୍ୟମାନଙ୍କର ଚେତନା, ଧାରାଣା, ଭାବନା, ଦୃଷ୍ଟିକୋଣ, ସମ୍ୟକ୍, ଜ୍ଞାନ ଇତ୍ୟାଦି। ଜଗନ୍ନାଥ ଚେତନାର ସ୍ୱରୂପ ହେଲା ଜଗନ୍ନାଥଙ୍କର ସ୍ୱରୂପର ଚେତନା ବା ଭାବନା ଏବଂ ପ୍ରକୃତ ଜଗନ୍ନାଥ ଚେତନା ହେଉଛି ଜଗନ୍ନାଥଙ୍କ ତତ୍ତ୍ୱ ପ୍ରକୃତ ସ୍ୱରୂପର ଚେତନା। ଏ ବିଷୟରେ ସ୍କନ୍ଦ ପୁରାଣରେ ଅନେକ ତଥ୍ୟ ମିଳେ। ମହାପ୍ରଭୁଙ୍କ ଅଧରାମୃତ ହେଉଛି ଦିବ୍ୟ ଅଧରପଣା।

ଏଥି ନିମିତ୍ତ ତିନୋଟି ରଥରେ ନଅ ଗୋଟି ସ୍ୱତନ୍ତ୍ର ଭାବେ ନିର୍ମିତ ମାଟିର ଲମ୍ବକାର ହାଣ୍ଡି ପ୍ରସ୍ତୁତ ହୋଇଥାଏ। ଏହି ହାଣ୍ଡି ଗୁଡ଼ିକ ଦେଖିବାକୁ ତୁମ୍ବ ପରି। ଏଥି ନିମିତ୍ତ ପାଣିଆପଟ ନିଯୋଗର ପାଳିଆ ସେବକମାନେ ସିଂହଦ୍ୱାର ନିକଟସ୍ଥ ଛାଉଣି ମଠ ସମ୍ମୁଖ କୂଅରୁ ଶୁଦ୍ଧପୂତ ଭାବେ ବିଧିପୂର୍ବକ ଜଳ ଆଣି ପ୍ରତ୍ୟେକ ରଥରେ ଥିବା ପିତ୍ତଳ ହଣ୍ଡାରେ ରଖିଥାନ୍ତି। ପାଳିଆ ମହାସୁଆର ଏଥିରୁ ପାଣି ନେଇ ପଣା ପ୍ରସ୍ତୁତ କରିଥାନ୍ତି । ଶ୍ରୀଜୀଉଙ୍କ ପରମ୍ପରାକ୍ରମେ ଦ୍ୱାଦଶ ଯାତ୍ରା ଅନୁଷ୍ଠିତ ହୋଇଥାଏ। ବାହୁଡ଼ା ଯାତ୍ରା ପରଦିନ ଅର୍ଥାତ୍ ଆଷାଢ଼ ଶୁକ୍ଳ ଏକାଦଶୀ ହରି ଶୟନ ଏକାଦଶୀ ରୂପେ ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁମାନେ ପବିତ୍ର ତିଥି ଭାବରେ ବିଚାର କରିଥାନ୍ତି। ମହାପ୍ରଭୁଙ୍କ ସୁନାବେଶ ନୀତି ହୋଇଥାଏ ଯାହାକୁ ରାଜବେଶ କୁହାଯାଏ। ମହାପ୍ରଭୁଙ୍କର ଏହି ଦିନ ମଧ୍ୟାହ୍ନ ଧୂପ ସମୟରେ ରଥ ଉପରେ ଅଧରପଣା ଭୋଗ ହୁଏ। ଏହା ଏକ ବିଶେଷ ନୀତି। ବର୍ଷକୁ ଥରେ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀଜୀଉଙ୍କୁ ରଥାରୂଢ଼ ଭାବରେ ଅଧରପଣା ଅର୍ପଣ ହୋଇଥାଏ। ବିଶ୍ୱାସ ରହିଛି ସ୍ୱର୍ଗର ଦେବାଦେବୀମାନେ ଏବଂ ସେମାନଙ୍କ ସହିତ ତିନି ରଥରେ ପାର୍ଶ୍ୱଦେବତାମାନେ ମଧ୍ୟ ଉପସ୍ଥିତ ରହିଥାନ୍ତି। ଶ୍ରୀଜୀଉଙ୍କ ନିୟମିତ ମଧ୍ୟାହ୍ନ ଧୂପନୀତି ପରେ ଏହି ନୀତି ସମ୍ପାଦନ ହୋଇଥାଏ। ଏହି ନୀତି ଭିତରଛୁ ମହାପାତ୍ର, ତଳିଚ୍ଛ ମହାପାତ୍ର ଓ ପୂଜାପଣ୍ଡାଙ୍କ ଦ୍ୱାରା ସମାହିତ ହୋଇଥାଏ। ଏହି ନୀତି ନିମନ୍ତେ ରାଘବ ଦାସ ମଠ ଓ ଓଡ଼ିଆ ମଠ ତରଫରୁ ଅଧରପଣା ପାଇଁ ଆବଶ୍ୟକୀୟ ସାମଗ୍ରୀ ରୂପେ ସାଚି, ଛେନା, କଦଳୀ ଆଦି ଯୋଗାଇ ଦିଆଯାଇଥାଏ।

ପାଳିଆ ମହାସୁଆରମାନେ ଏହି ସବୁ ଦ୍ରବ୍ୟରେ ନିଷ୍ଠାର ସହିତ ପଣା ପ୍ରସ୍ତୁତ କରନ୍ତି। ରଥ ଉପରେ ମହାପ୍ରଭୁଙ୍କ ପାଟି ପାଖକୁ ପାଇବା ଭଳି ତିନୋଟି ବଡ଼ ଖମ୍ବାକୃତି ମାଟିହାଣ୍ଡି ଥୁଆ ହୋଇଥାଏ। ଏଥିରେ ସେହି ପଣାକୁ ଢ଼ାଳିବା ପରେ ପଣ୍ଡାମାନେ ପଞ୍ଚୋପଚାରରେ ଏହାକୁ ପୂଜା କରିବା ପରେ ପଣାହାଣ୍ଡିକୁ ଭାଙ୍ଗି ଦିଆଯାଏ। ଏହି ପଣାହାଣ୍ଡି ମହାପ୍ରଭୁଙ୍କ ଅଧର ପର୍ଯ୍ୟନ୍ତ ଲାଗିଥିବାରୁ ଏହାର ନାମ ଅଧର ପଣା ହୋଇଛି। ପ୍ରତ୍ୟେକ ରଥରେ ଦୁଇଟି ଲେଖାଏଁ ସର୍ବମୋଟ ଛଅଗୋଟି ଅଧରପଣା ଭୋଗ ହୁଏ। ଯଦି ଏକାଦଶୀ ଦିନ ସମସ୍ତ ଅଧରପଣା ହୋଇ ନପାରେ ତେବେ ଦ୍ୱାଦଶୀ ଦିନ ମଧ୍ୟ ଏହି ବିଧାନ କରାଯାଇଥାଏ। ପ୍ରଥମେ ବଳଭଦ୍ରଙ୍କ ରଥ ତାଳଧ୍ୱଜ, ତାପରେ ସୁଭଦ୍ରାଙ୍କ ରଥ ଦେବଦଳନ ଓ ଶେଷରେ ଜଗନ୍ନାଥଙ୍କ ରଥ ନନ୍ଦିଘୋଷରେ ଏହି ପଣା ପ୍ରସ୍ତୁତ କରାଯାଏ ଓ ପୂଜାପଣ୍ଡା ଆସି ପଞ୍ଚୋପଚାରରେ ପୂଜା କରିଥାନ୍ତି । ପଞ୍ଚ ମହାଭୂତର ଶାନ୍ତି ଓ ତୁଷ୍ଟି ପାଇଁ ହାଣ୍ଡି ସବୁକୁ ରଥ ଉପରେ ହିଁ ଭାଙ୍ଗି ଦିଆଯାଏ । ଅଧର ପଣା ପରଦିନ ହୋଇଥାଏ ନୀଳାଦ୍ରି ବିଜେ । ଠାକୁରେ ମନ୍ଦିର ଭିତରକୁ ବାହୁଡ଼ି ଯାଆନ୍ତି । ଏହି ଅଧରପଣାର କାରଣ ରୂପେ ଦୁଇଟି ଜନଶ୍ରୁତି ପ୍ରଚଳିତ। ସେଥିରୁ ଗୋଟିଏ କାରଣ ହେଉଛି, ରଥସ୍ଥ ବିଭିନ୍ନ ଦେବଦେବୀଙ୍କୁ ଶାନ୍ତି ଦେବା ଓ ଅନ୍ୟଟି ମହାପ୍ରଭୁଙ୍କ ପଥଶ୍ରମ ଜନିତ କ୍ଲାନ୍ତି ଦୂର କରିବା। ଏହି ଏକାଦଶୀ ଦିନ ସୁନାବେଶ, ଅଧରପଣା ଭୋଗ ଆଦି ସରିବା ପରେ ବଡ଼ସିଂହାର ଭୋଗ ହୋଇଥାଏ। ତା'ପରେ ମହାପ୍ରଭୁଙ୍କର ମହାସ୍ନାନ ବିଧାନ ହୋଇ ଶୟନୋତ୍ସବ ନିମନ୍ତେ ପ୍ରସ୍ତୁତି ହୁଏ। ଏଥିପାଇଁ ଭଣ୍ଡାର ମେକାପ ଭଣ୍ଡାରଘରୁ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କ ବାଡ଼ ନିମନ୍ତେ ଯଥାକ୍ରମେ ବାସୁଦେବ, ନାରାୟଣ ଓ ଭୁବନେଶ୍ୱରୀ ଆଦି ଶୟନ ଠାକୁରଙ୍କୁ ଯଥାକ୍ରମେ ତିନି ରଥରେ ବିଜେ କରାନ୍ତି। ଏହି ଠାକୁରମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ହେଲାପରେ ତିନି ଜଣ ପୂଜାପଣ୍ଡା ମହାସ୍ନାନ କରାନ୍ତି।

ତାପରେ ସର୍ବାଙ୍ଗ ଲାଗି, ନୂଆପତନି ଲୁଗା ଲାଗି ଓ ମାଳଫୁଲ ଲାଗି ଆଦି ହୁଏ। ପାଣିପଡ଼ି ଟେରା ବନ୍ଧାହେଲେ ପଢ଼ିଆରୀ, ତିଳଚ୍ଛ ମହାପାତ୍ର ଓ ପ୍ରଧାନୀ ଘଣ୍ଟ, କାହାଳୀ ଓ ଛତି ସହ ବଲ୍ଲଭ ବଡ଼ ସିଂହାର ଭୋଗ ରଥ ଉପରକୁ ଆଣନ୍ତି। ବଡ଼ସିଂହାର ଭୋଗ ପରେ ଏହି ଭୋଗ କରାଯାଉଥିବାରୁ ଏହା ବଲ୍ଲଭ ବଡ଼ସିଂହାର ଭୋଗ ଭାବେ କଥିତ। ପୂଜାପଣ୍ଡାମାନେ ଷୋଡ଼ଶ ଉପଚାରରେ ଏହି ଭୋଗକୁ ରଥ ଉପରେ ସମାପନ କରନ୍ତି।

କର୍ପୂର ଆଳତି କରିବା ପରେ ପୂଜାପଣ୍ଡା ତିନି ରଥରୁ ଶୟନ ଠାକୁରଙ୍କୁ ହାତରେ ଧରି ମନ୍ଦିର ମଧ୍ୟରୁ ସାତପାହାଚ, ଜଗମୋହନ ଦେଇ ଭଣ୍ଡାରପାଖସ୍ଥ ଶୟନ ଘରକୁ ନିଅନ୍ତି। ସେଠାରେ କୋଠସୁଆଁସିଆ ଦେଇଥିବା ତାଟପେଡ଼ି, ଦରଜି ଦେଇଥିବା ଶେଯ, ତକିଆରେ ଠାକୁରଙ୍କୁ ଶୁଆଇ ଦିଆଯାଏ। ମୁଦିରଥ ହାତୁଆଣି ନେଇ ପ୍ରସାଦଲାଗି, ପୁଷ୍ପାଞ୍ଜଳି, କର୍ପୂର ଆଳତି ଓ ସାତକାହାଳି ସଞ୍ଜବତି, ଦୂର୍ବାକ୍ଷତ ବନ୍ଦାପନା ଆଦି କରନ୍ତି। ତା'ପରେ ପେଡ଼ିକୁ ବନ୍ଦ କରିଦିଆଯାଏ। ପେଡ଼ି ଉପରେ ଖୋଳ ପକାନ୍ତି ଓ ସମସ୍ତେ ବାହାରି ଆସିବା ପରେ ଶୟନ ଘର ଦ୍ୱାରକୁ ମଦନମୋହନ ମୁଦ ଦ୍ୱାରା ବନ୍ଦ କରାଯାଏ। ଏହି ଘରେ ଠାକୁରଙ୍କୁ ଆଷାଢ଼ ମାସ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ବାସ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ରଖାଯାଏ। ଏହାକୁ ମହାପ୍ରଭୁଙ୍କ ଶୟନୋତ୍ସବ କହନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱମାନବତାବାଦ, ଧର୍ମୀୟ ଚେତନା, ସାଂସ୍କୃତିକ ସମନ୍ୱୟ ଓ ସାମାଜିକ ସଦଭାବନାର ପ୍ରତୀକ। ଆମେ ଯେତେ କଥା ଜାଣିଲେ ବି ବହୁତ କିଛି ବାକି ରହିଯିବ। ଏହି ସଂସ୍କୃତିର ବ୍ୟାପକତା ହିଁ ଏହାର ବୈଶିଷ୍ଟ୍ୟ ପ୍ରତିପାଦିତ କରେ।

ଜ୍ୟୋତ୍ସ୍ନା ଫର୍ଣ୍ଣିଚର, ଚଣ୍ଡୀମନ୍ଦିର ମାର୍ଗ, କଟକ-୧



# ଏୟାରଲାଇନ୍ ଖବର ମିଛ: ଆଦାନୀ ପ୍ରସ୍ତାବକୁ ଇଣ୍ଡିଗୋ, ଏୟାର ଇଣ୍ଡିଆର ବିରୋଧ

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ଏକ ଏୟାରଲାଇନ୍ ଖୋଲିବା ବିଷୟରେ ଆଦାନୀ ଗ୍ରୁପ୍ ଗମ୍ଭୀରତାର ସହ ବିଚାର କରୁଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟକୁ ଆଦାନୀ ଗ୍ରୁପ୍ ଦୃଢ଼ ଭାବେ ଖଣ୍ଡନ କରିଛି। ଏକ ବିଜ୍ଞପ୍ତି ଜରିଆରେ ଆଦାନୀ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ସେହି ଖବରକୁ ଭିତ୍ତିହୀନ ଓ ଭୁଲ୍ ବୋଲି କୁହାଯାଇଛି। କମ୍ପାନି ସ୍ପଷ୍ଟ କରିଛି ଯେ ଏୟାରଲାଇନ୍ ଆରମ୍ଭ କରିବା ସମ୍ପର୍କିତ କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ।ବିମାନବନ୍ଦର ପରିଚାଳନା କରୁଥିବା ସଂସ୍ଥାଗୁଡିକୁ ଏୟାରଲାଇନ ଖୋଲିବା ନିମନ୍ତେ ଅନୁମତି ଦେବା ବିଷୟରେ ଭାରତ ସରକାର ବିଚାର କରୁଥିବା ନେଇ



ଗତ ଦୁଇ ଦିନ ଧରି ଖବର ପ୍ରକାଶ ପାଉଛି। ବିଶେଷ କରି ଆଦାନୀ ଗ୍ରୁପ୍ ଓ ଜିଏମ୍ଆର୍ ଗ୍ରୁପ୍‌କୁ ଅନୁମତି ଦେବା ସମ୍ପର୍କରେ ସରକାର ନିୟମରେ ପରିବର୍ତ୍ତନ ଆଣିବେ ବୋଲି ଚର୍ଚ୍ଚା ହେଉଥିଲା। ଇତି ମଧ୍ୟରେ ଆଦାନୀର ଏୟାରଲାଇନ ଖୋଲିବା ପ୍ରସ୍ତାବକୁ ଦେଶର ଦୁଇ ପ୍ରମୁଖ ଏୟାରଲାଇନ୍ ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ପକ୍ଷରୁ ଘୋର ବିରୋଧ କରାଯାଇଛି। ଉଭୟ ସଂସ୍ଥା କହିଛନ୍ତି ଯେ ଏୟାରଲାଇନ୍ ବ୍ୟବସାୟରେ ଆଦାନୀ ପ୍ରବେଶ କଲେ ଦ୍ୱୈତ୍ୱ ସ୍ୱାର୍ଥ ସମସ୍ୟା ଦେଖାଦେବ ଓ ବଜାରରେ ପ୍ରତିଯୋଗିତା ମଧ୍ୟ ଶେଷ ହୋଇଯିବ।ଇଣ୍ଡିଗୋର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ କହିଥିଲେ ଯେ ସାରା ବିଶ୍ୱରେ କୌଣସି ସ୍ଥାନରେ ଏଭଳି ଦେଖିବାକୁ ମିଳିନାହିଁ। ଯଦି ସେଭଳି ହେବ ତେବେ ତାହା ଦୀର୍ଘକାଳୀନ ଭିତ୍ତିରେ ଯାତ୍ରୀଙ୍କ ସ୍ୱାର୍ଥକୁ ପ୍ରଭାବିତ କରିବ। ଏୟାର ଇଣ୍ଡିଆର ଜଣେ ଅଧିକାରୀ କହିଥଇଲେ ଯେ ଆଦାନୀ ବିମାନବନ୍ଦର ବ୍ୟବସାୟ ଆରମ୍ଭ କଲେ ଅନ୍ୟ ସଂସ୍ଥାଗୁଡିକର ସ୍ୱାର୍ଥ ପ୍ରଭାବିତ ହେବ। ପ୍ରତିଯୋଗିତା ଶେଷ ହୋଇଯିବ। ତା' ସହିତ ନିଯୁକ୍ତି ସୁଯୋଗ ମଧ୍ୟ ସଙ୍କୁଚିତ ହୋଇଯିବ।ଉଲ୍ଲେଖଯୋଗ୍ୟ, ଭାରତରେ ବିମାନବନ୍ଦର ପରିଚାଳନା କରୁଥିବା କମ୍ପାନିଗୁଡିକ ପାଇଁ କୌଣସି ଏୟାରଲାଇନ୍‌ରେ ସର୍ବାଧିକ ୧୦ ପ୍ରତିଶତ ପର୍ଯ୍ୟନ୍ତ ଅଂଶଧନ କିଣିବାର ଅନୁମତି ଦିଆଯାଇଛି। ସେହି ସୀମା ହଟାଇ ଆଦାନୀ ଭଳି ସଂସ୍ଥାକୁ ଏୟାରଲାଇନ ଖୋଲିବାର ସୁଯୋଗ ଦେବା ବିଷୟରେ ସରକାର ବିଚାର କରୁଥିଲେ।

# ୨୩୨ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ଚଳିତ ସପ୍ତାହର ଶେଷ କାରବାର ଦିନରେ ମଧ୍ୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୨୩୨ ପଏଣ୍ଟ ହ୍ରାସ ପାଇଛି। ଗତ ସୋମବାର ଦିନଠାରୁ ଏହା ଲଗାତାର ଭାବେ ପଞ୍ଚମ ଦିନରେ ତଳକୁ ଖସିଛି। ଇରାନ ଓ ଆମେରିକା ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ପାଇଁ ଅଶୋଧିତ ତୈଳ ଦର ୧୦୦ ଡଲାରରୁ ଅଧିକ ହୋଇଯାଇଥିବାରୁ ନିବେଶକମାନେ ଚିନ୍ତିତ ହୋଇ ସେୟାର ବିକ୍ରି କରିଥିଲେ। ଫଳରେ ସେନ୍‌ସେକ୍ସରେ ଆଜି ୨୩୨ ପଏଣ୍ଟ ହ୍ରାସ ପାଇ ୭୬,୦୫୯ ପଏଣ୍ଟରେ ବନ୍ଦ ହୋଇଥିଲା।ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୧୦୨ ପଏଣ୍ଟ ହ୍ରାସ ପାଇ ୨୩,୭୬୭ ପଏଣ୍ଟରେ ବନ୍ଦ ହୋଇଛି। ନିବେଶକମାନେ ଅଟୋମୋବାଇଲ୍, ଧାତବ ଓ ରିଅଲ ଇଷ୍ଟେଟ୍ କ୍ଷେତ୍ରର ସେୟାରକୁ ଅଧିକ ବିକ୍ରି କରିଥିଲେ।ଗତକାଲି ସେନ୍‌ସେକ୍ସ ୩୬୪ ପଏଣ୍ଟ ଓ ନିଫ୍ଟି ୧୨୭ ପଏଣ୍ଟ ହ୍ରାସ ପାଇଥିଲା। ଆଜି ଏନ୍ଏସ୍ଇରେ ଆଦାନୀ ଏଣ୍ଟରପ୍ରାଇଜେସ୍, ନେସ୍‌ଲେ ଇଣ୍ଡିଆ, ଶ୍ରୀରାମ ଫାଇନାନ୍ସର ସେୟାର ମୂଲ୍ୟ ହ୍ରାସ ପାଇଥିଲା ଓ ଏସବିଆଇ ଲାଇଫ୍, ବଜାଜ ଅଟୋ ଓ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ସେୟାର ମୂଲ୍ୟ ବ?ିଥିଲା।ଭୂରାଜନେ?ତିକ ଉତ୍ତେଜନା ପ୍ରଭାବରେ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରଭାବିତ ହୋଇଥିବାରୁ ଆଗାମୀ ଦିନରେ ଅଶୋଧିତ ତୈଳ ଦର ବ୍ୟାରେଲକୁ ୧୨୦ ଡଲାର ପର୍ଯ୍ୟନ୍ତ ବଢ଼ିବା ଆଶଙ୍କା କରାଯାଉଛି। ସେଭଳି ହେଲେ ଇକ୍ୱିଟି ବଜାର ଉପରେ ଆସନ୍ତା ସପ୍ତାହରେ ମଧ୍ୟ ଚାପ ରହିବ।

# ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ: ପ୍ରଧାନମନ୍ତ୍ରୀ ସଂସଦରେ ବିବୃତି ଦିଅନ୍ତୁ ବୋଲି ଦାବି କଲା କଂଗ୍ରେସ

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ ବାହାରେ ଏକତରଫା ମନ୍ କି ବାତ୍ ନକରି ଗୃହରେ ନିଜର ବିବୃତି ରଖନ୍ତୁ ବୋଲି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଦାବି କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ' ରେ ପ୍ରଧାନମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତାକୁ ସମାଲୋଚନା କରି ଖଡଗେ କହିଛନ୍ତି ଯେ ସଂସଦ ଅଧିବେଶନ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ରାତିଅଧିଆ ଭିଡିଓ ଜାରି କରିବା ବଦଳରେ ସଂସଦ ଗୃହରେ ଆସି ଜବାବ ଦେବା ଉଚିତ୍।ଏହାସହ ଖଡଗେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବା ସହ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ନିକଟରେ ସରକାର କ୍ଷମା ପ୍ରାର୍ଥନା କରନ୍ତୁ ଏବଂ ସେମାନଙ୍କ ଉପରେ ଲାଠିଚାଳନା ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କହିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଗ୍ରହଣ କରାଯିବା ପରେ ହିଁ ବିରୋଧୀ ଦଳ ଶିକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସେ ସ୍ପଷ୍ଟ



କରିଛନ୍ତି।ଅନ୍ୟପଟେ, ଜାରି କରିଥିବା ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଆସନ୍ତା ସପ୍ତାହରେ ସଂସଦରେ ଏକ କଠୋର ଆଇନ ଆଗତ କରାଯିବ ବୋଲି ଘୋଷଣା କରିଥିଲେ। ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ରଖିବାକୁ ସରକାର ତୁରନ୍ତ ପୁନଃ ପରୀକ୍ଷା କରାଇଥିବା ସେ ପ୍ରକାଶ କରିଥିଲେ। ତେବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ମୋଦୀଙ୍କ ଏହି ଭିଡିଓକୁ ସମାଲୋଚନା କରି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଦୋହରାଇଛନ୍ତି।

# ପ୍ରତିବାଦରୁ ଦୂରେଇ ରହିବାକୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପରାମର୍ଶ, ଥରୁରଙ୍କ କଡ଼ା ସମାଲୋଚନା

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ଜନ୍ତର ମନ୍ତରରେ ଚାଲିଥିବା ପ୍ରତିବାଦରୁ ଦୂରେଇ ରହିବାକୁ ଜାରି କରାଯାଇଥିବା ପରାମର୍ଶକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି । କଂଗ୍ରେସ ସାଂସଦ ଶଶୀ ଥରୁର ଏହି ପରାମର୍ଶକୁ କଡ଼ା ସମାଲୋଚନା କରି କହିଛନ୍ତି, ଏଭଳି ନିର୍ଦ୍ଦେଶ ଗଣତାନ୍ତ୍ରିକ ମତପ୍ରକାଶ ଉପରେ ଭୟର ପରିବେଶ ସୃଷ୍ଟି କରୁଛି । ସୋସିଆଲ୍ ମିଡିଆ ପୋଷ୍ଟରେ ଶଶୀ ଥରୁର କହିଛନ୍ତି, 'ଜୟପ୍ରକାଶ ନାରାୟଣ ଆନ୍ଦୋଳନ ସମୟରେ, ଜରୁରୀକାଳ ପୂର୍ବରୁ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ପ୍ରତିବାଦରେ ଯୋଗ ଦେବାରୁ ବାରଣ କରିନଥିଲେ ।' ସେ ଏହା ମଧ୍ୟ କହିଛନ୍ତି, ଗୋଟିଏ ବିଶ୍ୱବିଦ୍ୟାଳୟର କାମ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତାଧାରା ଓ ସମାଲୋଚନାତ୍ମକ ଚିନ୍ତନକୁ ପ୍ରୋତ୍ସାହିତ କରିବା, ତାହାକୁ ଦମନ କରିବା ନୁହେଁ। ଥରୁରଙ୍କ ଅଭିଯୋଗ, ବିଶ୍ୱବିଦ୍ୟାଳୟର ଏଭଳି ପରାମର୍ଶ ଛାତ୍ରଛାତ୍ରୀଙ୍କ ମନରେ ଭୟ ସୃଷ୍ଟି କରିପାରେ ଏବଂ ସେମାନେ ନିଜ ଶିକ୍ଷା ଭବିଷ୍ୟତ କ୍ୟାରିୟର ଉପରେ ପ୍ରଭାବ ପଡ଼ିବା ଆଶଙ୍କାରେ ଗଣତାନ୍ତ୍ରିକ ପ୍ରକ୍ରିୟାରୁ



ମ୍ବା

ଦୂରେଇ ଯାଇପାରନ୍ତି। ଅନ୍ୟପଟେ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନିଜ ପରାମର୍ଶରେ କହିଛି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜନ୍ତର ମନ୍ତରରେ ହେଉଥିବା ସମାବେଶ ଓ ପ୍ରଦର୍ଶନ ନିୟନ୍ତ୍ରିତ, ତେଣୁ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଏଭଳି ସମାବେଶରୁ ଦୂରେଇ ରହିବା ଉଚିତ । ବିଶ୍ୱବିଦ୍ୟାଳୟ ଏହା ମଧ୍ୟ କହିଛି ଯେ, ଏଭଳି ପ୍ରତିବାଦରେ ଯୋଗ ଦେଲେ ଆଇନଗତ ପଦକ୍ଷେପ, ବ୍ୟକ୍ତିଗତ ସୁରକ୍ଷା ଓ ଶିକ୍ଷାଗତ କ୍ଷତିର ଆଶଙ୍କା ରହିଛି । ଏହା ସହ ସୋସିଆଲ୍ ମିଡିଆରେ ଭୁଲ୍ ଓ ବିଭ୍ରାନ୍ତିକର ସୂଚନାରୁ ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା ।

# କୋର୍ଟ କାର୍ଯ୍ୟର ରେକର୍ଡିଂ ଓ ଭିଡିଓ ସେୟାର ଉପରେ କଟକଣା ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ଅଦାଲତି କାର୍ଯ୍ୟର ରେକର୍ଡିଂକୁ ସୋସିଆଲ ମିଡିଆରେ ଅନିୟନ୍ତ୍ରିତ ଭାବେ ପ୍ରସାରଣ କରିବାକୁ ସୁପ୍ରିମକୋର୍ଟ ଏକ 'ବିପଦଜନକ' ସମସ୍ୟା ବୋଲି କହିଛନ୍ତି। ଏଣୁ ସୁପ୍ରିମକୋର୍ଟ ସମ୍ପର୍କିତ କୋର୍ଟଙ୍କ ପୂର୍ବ ଅନୁମତି ବିନା କୋର୍ଟ କାର୍ଯ୍ୟର ଅଡିଓ ଭିଡିଓ ରେକର୍ଡିଂ କୁ ସୋସିଆଲ ମିଡିଆରେ ପୋଷ୍ଟ ଅଥବା ଅପଲୋଡ ଉପରେ କଟକଣା ଲଗାଇ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ବିଚାରପତି ଜଷ୍ଟିସ୍ ଭି.ମୋହନାଙ୍କ ପୀଠ କୋର୍ଟ କାର୍ଯ୍ୟର ଲାଇଭ ଷ୍ଟ୍ରିମିଂ ଓ ଭିଡିଓ ପ୍ରସାରଣ ଉପରେ ରୋକ ଲଗାଇବା ଦାବିରେ ରୁଜୁ ଜନସ୍ୱାର୍ଥ ମାମଲାରେ ଶୁକ୍ରବାର ଅନ୍ତରୀଣ ରାୟ ଗୃହୀତ କରିଛନ୍ତି।ଆଦେଶରେ କୁହାଯାଇଛି ଯେ ସମ୍ପର୍କିତ ଉଚ୍ଚନ୍ୟାୟାଳୟଙ୍କ ରେଜିଷ୍ଟ୍ରାର ଜେନେରାଲ ଅଥବା ସର୍ବୋଚ୍ଚ ନ୍ୟାୟାଳୟଙ୍କ ମହାସଚିବଙ୍କ ପୂର୍ବ ଅନୁମତି ବିନା ସୋସିଆଲ ମିଡିଆ ଅଥବା ଅନ୍ୟ ଡିଜିଟାଲ ପ୍ଲାଟଫର୍ମରେ ବିଚାର କାର୍ଯ୍ୟର ଅଡିଓ/ଭିଡିଓ ରେକର୍ଡିଂର ନିଷ୍କର୍ସଣ, ସଂଶୋଧନ, ପ୍ରସାର, ପୋଷ୍ଟିଂ, ରି ପୋଷ୍ଟିଂ, ଅପଲୋଡିଂ ଅଥବା ମନିଟାଇଜେସନ କରାଯାଇ ପାରିବ ନାହିଁ। ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଏହି ଆଦେଶର କୋର୍ଟ



କାର୍ଯ୍ୟର ସମ୍ବାଦ ରିପୋର୍ଟିଂ ଉପରେ କୌଣସି ପ୍ରଭାବ ପଡିବ ନାହିଁ କି ଏହାକୁ ଅଭିବ୍ୟକ୍ତି ଉପରେ ରୋକ ଲଗାଉଥିବା ଆଦେଶ ରୂପେ ଗ୍ରହଣ କରାଯିବା ଉଚିତ ନୁହେଁ।ଜନୈକ ସାମ୍ବାଦିକଙ୍କ ଦ୍ୱାରା ରୁଜୁ ଆବେଦନରେ ତର୍କ ଦିଆଯାଇଛି ଯେ କୋର୍ଟରେ ହେଉଥିବା କଥାବାର୍ତ୍ତାର ସିଲେକ୍ଟେଡ ଓ ସନ୍ଦର୍ଭହୀନ ପ୍ରସାର କୋର୍ଟର ଗାରିମାକୁ ହ୍ରାସ କରୁଛି ଓ ନ୍ୟାୟ ବିତରଣ ପ୍ରଣାଳୀରେ ଜନତାଙ୍କ ବିଶ୍ୱାସ ନଷ୍ଟ ହେଉଛି। ଜଷ୍ଟିସ୍ ବାଗଚୀ ସ୍ପଷ୍ଟ କରିଛନ୍ତି ଯେ ଆମେ ଭିଡିଓ ରେକର୍ଡିଂ ଓ ଭିଡିଓ ରେକର୍ଡ ଅପଲୋଡ କରିବା ଉପରେ ରୋକ ଲଗାଉଛୁ। ତେବେ ଆମେ କହି ରଖୁଛୁ ଯଦି କୌଣସି ଲାଇଭ ଷ୍ଟ୍ରିମିଂ ଓ ଅଡିଓ ଭିଜୁଆଲ ଦେଖାଯିବ ତେବେ ସେ ଉଚ୍ଚନ୍ୟାୟାଳୟଙ୍କ ମହାସଚିବ ଓ ରେଜିଷ୍ଟ୍ରାର ଜେନେରାଲଙ୍କ ଅନୁମତିରେ ହେବା ଆବଶ୍ୟକ। ଏଥିରେ ସୋଲିସିଟର ଜେନେରାଲ ତୁଷାର ମେହେଟ୍ଟା ବୟାନର ଜବାବ ରଖି କହିଛନ୍ତି ଯେ ଫେସ୍ ବୁକ୍ ଓ ଇଂଷ୍ଟାଗ୍ରାମ ଏପରି କ୍ଲିପରେ ଭରା ଯେଉଁଥିରେ ଓକିଲ ଏହା ଦେଖିବାକୁ ଉଦ୍ୟମ କରୁଛନ୍ତି ସେମାନେ କଣ ତର୍କ ଦେଇଛନ୍ତି, ତେବେ ଜଷ୍ଟିସ୍ ବାଗଚୀ କହିଛନ୍ତି ଯେ 'ଆମେ ସେହି ରାକ୍ଷସକୁ ରୋକି ପାରିବୁନି ଯାହା ଏବେ ଥଳିରୁ ବାହାରିସାରିଛି'। କୋର୍ଟ ମେଟା, ଏକ୍ସ ଓ ଅନ୍ୟ ସୋସିଆଲ ମିଡିଆ ମାଧ୍ୟମଙ୍କୁ କୋର୍ଟ ଭିଡିଓ ପ୍ରସାରଣ ସମ୍ପର୍କରେ ନୋଟିସ୍ ମଧ୍ୟ ଜାରି କରିଛନ୍ତି। ତେବେ ଜଷ୍ଟିସ୍ ଭି.ମୋହନା ସ୍ପଷ୍ଟ କରିଛନ୍ତି ଯେ ଏହା ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଏହା କୌଣସି କଟକଣାର ଆଦେଶ ନୁହେଁ।

# ଜେରୁସାଲେମରେ ଭାରତୀୟଙ୍କୁ ହତ୍ୟା ଅଭିଯୋଗ

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ଇସ୍ରାଏଲର ଜେରୁସାଲେମରେ ଜଣେ ୪୦ ବର୍ଷୀୟ ଭାରତୀୟ ନାଗରିକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ପୁଲିସ ଜଣେ ୩୧ ବର୍ଷୀୟ ଇସ୍ରାଏଲୀ ନାଗରିକଙ୍କୁ ଗିରଫ କରିଛି। ଜେରୁସାଲେମର କାଟାମୋନ୍ ଆବାସିକ ଅଞ୍ଚଳସ୍ଥିତ ଏକ ଘର ଭିତରୁ ଭାରତୀୟ ବ୍ୟକ୍ତିଙ୍କ ରକ୍ତଭିଜା ମୃତଦେହ ଉଦ୍ଧାର କରାଯାଇଥିଲା।ଘଟଣାର ସୂଚନା ପାଇ ମୋରିଆ ପୁଲିସ ଷ୍ଟେସନର ଅଧିକାରୀ ଓ ଫୋରେନସିକ୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଥିଲେ। ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଏହା ଏକ ଅପରାଧିକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଛି। ପୁଲିସ ତୁରନ୍ତ ଇଲାଟ୍ ଅଞ୍ଚଳର ଜଣେ ବାସିନ୍ଦାଙ୍କୁ ଏହି ହତ୍ୟାକାଣ୍ଡ ସନ୍ଦେହରେ ଗିରଫ କରି ଅଧିକ ପଚରାଉଚୂରା ଜାରି ରଖିଛି। ତେବେ ମୃତ ଭାରତୀୟ ନାଗରିକ ଏବଂ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ପରିଚୟ ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଜେରୁସାଲେମ୍ ଜିଲ୍ଲା କମାଣ୍ଡର ଆଭଶାଲୋମ ପେଲେଡ୍ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ଜେରୁସାଲେମ୍ ଜିଲ୍ଲା ସେଣ୍ଟ୍ରାଲ୍ ୟୁନିଟକୁ ତଦନ୍ତ ଭାର ହସ୍ତାନ୍ତର କରିଛନ୍ତି।

# ଖାଦ୍ୟ ଡେଲିଭରି କରିବ ଫ୍ଲିପ୍‌କାର୍ଟ

## ସ୍ୱିଗି, ଜୋମାଟୋ ସହ କରିବ ପ୍ରତିଯୋଗିତା

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ଦେଶର ଅନ୍ୟତମ ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପ୍‌କାର୍ଟ ଖୁବ୍‌ଶୀଘ୍ର ଖାଦ୍ୟ ଡେଲିଭରି ବ୍ୟବସାୟ ଆରମ୍ଭ କରିବାକୁ ଯାଉଛି। କମ୍ପାନିର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳ୍ପ କିଛି ସ୍ଥାନରୁ ଏହି କାରବାର ଆରମ୍ଭ କରିବ ଓ ପରବର୍ତ୍ତୀ ପର୍ଯ୍ୟାୟରେ ତାହାକୁ ସମ୍ପ୍ରସାରଣ କରି ବଜାରରେ ପୂର୍ବରୁ ପ୍ରତିଷ୍ଠା ହାସଲ କରିଥିବା ସ୍ୱିଗି ଓ ଜୋମାଟୋ ଭଳି ସଂସ୍ଥା ସହ ପ୍ରତିଦ୍ୱନ୍ଦ୍ୱିତା କରିବ। ଆସନ୍ତା କିଛି ସପ୍ତାହ ମଧ୍ୟରେ ଫ୍ଲିପ୍‌କାର୍ଟ ଏହାର ଖାଦ୍ୟ ଡେଲିଭରି ସେବା ଆରମ୍ଭ କରିବ ବୋଲି କମ୍ପାନିର ଗ୍ରୁପ୍ ସିଇଓ କଲ୍ୟାଣ କ୍ରିଷ୍ଣମୂର୍ତ୍ତି କହିଛନ୍ତି।କମ୍ପାନିର ଖାଦ୍ୟ ଡେଲିଭରି ସେବା ଏକ ସ୍ୱତନ୍ତ୍ର ଆପ୍ ଓ ଫ୍ଲିପ୍‌କାର୍ଟ ଆପ୍‌ରେ ଉପଲବ୍ଧ ହେବ। ତେବେ ଏହି ସେବା ଉପରେ ଅଧିକ ସୂଚନା ଦେଇ କ୍ରିଷ୍ଣମୂର୍ତ୍ତି କହିଛନ୍ତି ଯେ ପ୍ରଥମେ ଆମେ ଅଳ୍ପ କିଛି ଗ୍ରାହକଙ୍କୁ ନେଇ ସେବା ଆରମ୍ଭ କରିବୁ। ସେମାନଙ୍କ ମତାମତ ସଂଗ୍ରହ କରିବୁ। ଆମକୁ ଯେତେବେଳେ ଲାଗିବ ଯେ ଏହି କାରବାର ଆମ ମୂଲ୍ୟ ବଞ୍ଚାଇବାକୁ ପ୍ରସ୍ତୁତ ତେବେ ଆମେ ତାହାକୁ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚାଇବୁ। ଆମର ସବୁ ନୂଆ ବ୍ୟବସାୟ ସେହି ଢାଞ୍ଚାରେ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ସରକାରଙ୍କ ମାଲିକାନାରେ ଥିବା ଓଏନ୍‌ଡିସି ନେଟୱର୍କକୁ ମଧ୍ୟ ଫ୍ଲିପକାର୍ଟ ନିଜର ଖାଦ୍ୟ ଡେଲିଭରି ସେବା ପାଇଁ ବ୍ୟବହାର କରିବାକୁ ଯୋଜନା ରଖିଛି। ଏହି ସେବା ବ୍ୟାପକ ହେବା ପରେ ଗ୍ରାହକମାନେ ବହୁ ସଂଖ୍ୟାରେ ରେଷ୍ଟୋରାଁକୁ ଆମ ପ୍ଲାଟଫର୍ମରେ ପାଇପାରିବେ ବୋଲି କୃଷ୍ଣମୂର୍ତ୍ତି କହିଛନ୍ତି।

## ହିମାଚଳରେ ଭୟଙ୍କର ଦୁର୍ଘଟଣା

# ପାହାଡ଼ରୁ ଖସିଲା ବିରାଟ ପଥର; ୧୩ ମୃତ

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ହିମାଚଳ ପ୍ରଦେଶର ଚମ୍ବା ଓ ଲାହୌଲ-ସ୍ପିତି ଜିଲ୍ଲା ସୀମାରେ ଘଟିଛି ଏକ ହୃଦୟବିଦାରକ ଦୁର୍ଘଟଣା । ପାଙ୍ଗି-ଉଦୟପୁର ସଡ଼କର କଡୁ ନାଳା ନିକଟରେ ଯାଉଥିବା ଏକ ଟାଟା ସୁମୋ ଉପରେ ହଠାତ୍ ପାହାଡ଼ରୁ ବଡ଼ ବଡ଼ ପଥର ଖସିପଡ଼ିଥିଲା । ଏହି ଦୁର୍ଘଟଣାରେ ୬ ମାସର ଶିଶୁ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି । ଲାହୌଲ-ସ୍ପିତି ପୁଲିସ ଅଧୀକ୍ଷକ ଶିବାନୀ ମେହଲାଙ୍କ ସୂଚନା ଅନୁସାରେ, ଏଚ-୦୧ଗ-୨୨୧୦ ନମ୍ବର ବିଶିଷ୍ଟ ଗାଡ଼ିଟି ଉପରେ ପାହାଡ଼ରୁ ପଥର ଖସିପଡ଼ିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା । ମୃତକଙ୍କ



ମଧ୍ୟରେ ଗାଡ଼ି ଚାଳକ ବୀର ସିଂହ ମଧ୍ୟ ରହିଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ସମସ୍ତ ମୃତକ ଚମ୍ବା ଜିଲ୍ଲାର ପାଙ୍ଗି ଘାଟି ଅଞ୍ଚଳର ବାସିନ୍ଦା ।ଦୁର୍ଘଟଣା ପରେ ସୋସିଆଲ୍ ମିଡିଆରେ ସାମ୍ନାକୁ ଆସିଥିବା ଚିତ୍ରରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି । ଚମ୍ବାର ଭରମୌର ବିଧାୟକ ଡ଼ଃ ଜନକରାଜ ମଧ୍ୟ ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି । ଚମ୍ବା ଜିଲ୍ଲାପାଳ ମୁକେଶ ରେପସ୍ୱାଲ କହିଛନ୍ତି, ଦୁର୍ଘଟଣାସ୍ଥଳ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ସେଠାରେ ମୋବାଇଲ୍ ନେଟୱର୍କ ଉପଲବ୍ଧ ନାହିଁ । ଫଳରେ ସଠିକ୍ ସୂଚନା ସଂଗ୍ରହରେ ଅସୁବିଧା ହେଉଛି । ଘଟଣାସ୍ଥଳକୁ ବିଆରଓ, ସ୍ଥାନୀୟ ପୁଲିସ ଓ ଚମ୍ବା ପୁଲିସ ଟିମ୍ ପଠାଯାଇଛି ଏବଂ ଉଦ୍ଧାର ଓ ତଦନ୍ତ କାର୍ଯ୍ୟ ଜାରି ରହିଛି ।

# ସଙ୍କଟରେ ପାକିସ୍ତାନ;ଆମେରିକା ଆଗରେ ହେଉଛି ନେହୁରା

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ବର୍ତ୍ତମାନ ବିଶ୍ୱ ରାଜନୀତି ଓ ଅର୍ଥନୀତିରେ ମଧ୍ୟ ପ୍ରାଚ୍ୟର ଅଶାନ୍ତି ଏକ ବଡ଼ ସଙ୍କଟ ଭାବେ ଉଭା ହୋଇଛି। ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ସଂଘର୍ଷ ସାଙ୍ଗକୁ ଲାଲ ସାଗରରେ ହୂତି ବିଦ୍ରୋହୀଙ୍କ ଆତଙ୍କ ବିଶ୍ୱ ବାଣିଜ୍ୟକୁ ବିପର୍ଯ୍ୟସ୍ତ କରିଦେଇଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ଓ ଗ୍ୟାସ ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ 'ହୋର୍ମୁଜ ଷ୍ଟ୍ରେଟ୍' ବନ୍ଦ ହେବା ପରେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୯୫ ଡଲାର ଅତିକ୍ରମ କରିଛି। ଏହି ସ୍ଥିତିର ସବୁଠାରୁ ଭୟଙ୍କର ପ୍ରଭାବ ପଡ଼ିଛି ଆର୍ଥିକ ଦେବାଳିଆ ସ୍ଥିତିରେ ଥିବା ପାକିସ୍ତାନ ଉପରେ ।ମଧ୍ୟ ପ୍ରାଚ୍ୟରେ ଯୁଦ୍ଧର ପ୍ରଭାବରେ ପାକିସ୍ତାନର ଶେହବାଜ ସରିଫ ସରକାର ଦେଶବାସୀଙ୍କ ଉପରେ ମହଙ୍ଗା ମାଡ଼ କରିଛନ୍ତି। ଜୁଲାଇ ୨୩ ତାରିଖରୁ ଲାଗୁ ହୋଇଥିବା ନୂଆ ଦର ଅନୁଯାୟୀ, ପେଟ୍ରୋଲ ଲିଟର ପିଛା ୬.୩୯ ଟଙ୍କା ଏବଂ ହାଇ-ସ୍ପିଡ୍ ଡିଜେଲ ୭.୮୩ ଟଙ୍କା ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ପରେ ପାକିସ୍ତାନରେ ପେଟ୍ରୋଲ ଦର ଲିଟର ପିଛା ୩୨୭.୧୨ ଟଙ୍କା ଏବଂ ଡିଜେଲ ଦର ୩୭୫.୦୪ ଟଙ୍କାରେ ପହଞ୍ଚିଛି । ସାଧାରଣ ଜନତା ଏବେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ଆମେରିକା ଓ ଇରାନ ମଧ୍ୟରେ



ଗତ ୧୨ ଦିନ ଧରି ଚାଲିଥିବା ଆକ୍ରମଣ ପାକିସ୍ତାନ ପାଇଁ ଅଭିଶାପ ସାଜିଛି । ଇତିହାସକୁ ଦେଖିଲେ, ଗତ ଫେବୃଆରୀ ୨୮ରେ ଯେତେବେଳେ ଆମେରିକା-ଇସ୍ରାଏଲ ଇରାନ ଉପରେ ପ୍ରଥମ ଥର ଷ୍ଟ୍ରାଇକ୍ କରିଥିଲେ, ସେତେବେଳେ ମଧ୍ୟ ପାକିସ୍ତାନରେ ପେଟ୍ରୋଲ ଦରରେ ବଡ଼ ଧରଣର ପରିବର୍ତ୍ତନ ଦେଖାଯାଇଥିଲା। ମାର୍ଚ୍ଚ ମାସରେ ୨୬୬ ଟଙ୍କା ଥିବା ପେଟ୍ରୋଲ ଏପ୍ରିଲ ବେଳକୁ ୪୫୮.୪୧ ଟଙ୍କାର ସର୍ବକାଳୀନ ଉଚ୍ଚ ସ୍ତରକୁ ଛୁଇଁଥିଲା । ତେଲ ଆମଦାନୀ ପାଇଁ ସମ୍ପୂର୍ଣ୍ଣ ଭାବେ ଖାଡ଼ି ଦେଶ ଉପରେ ନିର୍ଭରଶୀଳ ପାକିସ୍ତାନ ଏବେ ମହଙ୍ଗା ଏଲଏନଜି କିଣିବାକୁ ମଧ୍ୟ ବାଧ ହେଉଛି ।ଏଭଳି ସଙ୍କଟ ସମୟରେ ପାକିସ୍ତାନ ସରକାର ନିଜର ଅର୍ଥନୀତିକୁ ବଞ୍ଚାଇବା ପାଇଁ ଆମେରିକା ନିକଟରେ ୧୦ ବିଲିୟନ ଡଲାରର ଆର୍ଥିକ ସାହାଯ୍ୟ ଭିକ୍ଷା କରିଛନ୍ତି। ପାକିସ୍ତାନର ଅର୍ଥମନ୍ତ୍ରୀ ଆମେରିକା ସହିତ ଏ ନେଇ ଆଲୋଚନା ଚଳାଇଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ପାକିସ୍ତାନ ଏକ ମଧ୍ୟସ୍ଥି ଭାବେ କାର୍ଯ୍ୟ କରିବାକୁ ଚେଷ୍ଟା କରୁଛି, ଯାହାଦ୍ୱାରା ସେ ଆମେରିକାରୁ ଆର୍ଥିକ ଅନୁଦାନ ପାଇପାରିବ ।ପାକିସ୍ତାନର ପେଟ୍ରୋଲିୟମ ମନ୍ତ୍ରୀ ଅଲି ପରଭେଜ ମଲିକ କହିଛନ୍ତି ଯେ, ଆନ୍ତର୍ଜାତୀୟ ବଜାରରେ ଅସ୍ଥିରତା ଯୋଗୁଁ ଏବେ ନୈନିକ ଭିତ୍ତିରେ ତେଲ ଦର ନିର୍ଦ୍ଧାରଣ କରାଯିବ। ପୂର୍ବରୁ ସାପ୍ତାହିକ ଭାବେ ଦର ସଂଶୋଧନ ହେଉଥିବା ବେଳେ ଏବେ ସ୍ଥିତି ଅତି ଗମ୍ଭୀର ହୋଇପଡ଼ିଛି। ମୋଟ ଉପରେ କହିବାକୁ ଗଲେ, ମଧ୍ୟ ପ୍ରାଚ୍ୟର ଯୁଦ୍ଧ ନିଆଁ ପାକିସ୍ତାନର ସାଧାରଣ ଜନତାଙ୍କ ରୋଷେଇ ଘରୁ ଆରମ୍ଭ କରି ଯାତାୟାତ ପର୍ଯ୍ୟନ୍ତ ସବୁକିଛିକୁ ଦଗ୍ଧ କରିବାରେ ଲାଗିଛି ।

# ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ଦେବାକୁ ପଡିବ : ସୋନିଆ ଗାନ୍ଧୀ

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ଦେଶବ୍ୟାପୀ ନିଟ୍ ପରୀକ୍ଷା ବିବାଦ ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ଚାଲିଥିବା ଛାତ୍ର ଆନ୍‌ଦୋଳନ ମଧ୍ୟରେ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଉପରେ କଡ଼ା ଆକ୍ରମଣ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀଙ୍କ ସହ ସରକାର ଏପରି ବ୍ୟବହାର କରିଛି, ଯେପରି ସେମାନେ ଦେଶର ଭବିଷ୍ୟତ ନୁହେଁ, ବରଂ ଶତ୍ରୁ ।ସୋନିଆ ଗାନ୍ଧୀ କହିଛନ୍ତି, ଛାତ୍ରଛାତ୍ରୀଙ୍କ ଦାବି କେବଳ ଦାୟିତ୍ୱ ନିର୍ଦ୍ଧାରଣ କରିବା ଏବଂ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଥିଲା। କିନ୍ତୁ ସେମାନଙ୍କ ଦାବି ଶୁଣିବା ପରିବର୍ତ୍ତେ ସେମାନଙ୍କ ଉପରେ ବଳ ପ୍ରୟୋଗ କରାଯାଇଥିଲା ।ଏକ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ନିଜ ଲେଖାରେ ସୋନିଆ ଗାନ୍ଧୀ ୨୦ ଜୁଲାଇରେ ଦିଲ୍ଲୀରେ ହୋଇଥିବା ଛାତ୍ର ମାର୍ଚ୍ଚର ଉଲ୍ଲେଖ କରି କହିଛନ୍ତି ଯେ, ସେହିଦିନ ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳ ପ୍ରଦର୍ଶନକାରୀଙ୍କ ଉପରେ ଲାଠିଚାର୍ଜ କରିବା ସହ ଲୁହବୁହା ଗ୍ୟାସ (ଟିୟର ଗ୍ୟାସ) ପ୍ରୟୋଗ କରିଥିଲେ ।ତାଙ୍କ ଅନୁସାରେ, ଏହି କାର୍ଯ୍ୟାନୁଷ୍ଠାନରେ ଅନେକ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ଏପରିକି ପ୍ରଦର୍ଶନ ଶେଷ ହେବା ପରେ ଘରକୁ ଫେରୁଥିବା କିଛି ଯୁବକ-ଯୁବତୀଙ୍କୁ ମଧ୍ୟ ଛାଡ଼ାଯାଇନଥିଲା। ସେ କହିଛନ୍ତି, ଏକ ଗଣତାନ୍ତ୍ରିକ ଦେଶରେ ଛାତ୍ରଛାତ୍ରୀଙ୍କ କଥା ଶୁଣିବା ପରିବର୍ତ୍ତେ ସେମାନଙ୍କ ସ୍ୱରକୁ ଦମନ କରିବାର ଚେଷ୍ଟା ଅତ୍ୟନ୍ତ ଚିନ୍ତାଜନକ।

# ନୂଆ ୧୦% ଶୁଳ୍କ ଲଗାଇଲେ ଟ୍ରମ୍ପ

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ବଳପୂର୍ବକ ଶ୍ରମ ବ୍ୟବହାର କରି ଉତ୍ପାଦ ପ୍ରସ୍ତୁତ କରୁଥିବାରୁ ଭାରତ ଓ ଅନ୍ୟ ୧୬ଟି ଦେଶ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ବଳପୂର୍ବକ ଶ୍ରମ ବ୍ୟବହାରକୁ ନେଇ ଆମେରିକା ସରକାର ଗତ ଜୁନରେ ବାଣିଜ୍ୟ ନିୟମର ଧାରା ୩୦୧ ଅଧୀନରେ ଭାରତ ସମେତ ୬୦ଟି ଦେଶ ବିରୋଧରେ ତଦନ୍ତ ଆରମ୍ଭ କରିଥିଲେ। ଦୋଷ ପ୍ରମାଣ ହେଲେ ଦେଶଗୁଡିକ ଉପରେ ଅତିରିକ୍ତ ୧୨.୫ ପ୍ରତିଶତ ଶୁଳ୍କ ଲାଗିବ ବୋଲି ଆମେରିକା ଚେତାବନୀ ଦେଇଥିଲା। କିନ୍ତୁ ଏହି ତଦନ୍ତ ଆରମ୍ଭ ହେବା ପରେ ଭାରତ ସରକାର ନିଜ ବୈଦେଶିକ ବାଣିଜ୍ୟ ନୀତିରେ ସଂଶୋଧନ କରି ବଳପୂର୍ବକ ଶ୍ରମ ବ୍ୟବହାର କରି ତିଆରି କରାଯାଉଥିବା ଉତ୍ପାଦ ଆମଦାନିକୁ ନିଷିଦ୍ଧ କରିଥିଲେ। ସେଥିପାଇଁ ଭାରତ ଉପରେ ୧୨.୫ ପ୍ରତିଶତ ପରିବର୍ତ୍ତେ ୧୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଏ ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ ନିଜ ନୀତିରେ ସୁଧାର ଆଣିଥିବା ଦେଶଗୁଡିକ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇବାକୁ ବାଣିଜ୍ୟ ପ୍ରତିନିଧିମାନେ ମୋତେ ପ୍ରସ୍ତାବ ଦେଇଥିଲେ। ଏହି ପଦକ୍ଷେପ ଉକ୍ତ ଦେଶଗୁଡିକୁ ବଳପୂର୍ବକ ଶ୍ରମ ଉପଯୋଗ କରି ପ୍ରସ୍ତୁତ କରାଯାଇଥିବା ଉତ୍ପାଦ ଆମଦାନିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ଉତ୍ସାହିତ କରିବ ବୋଲି ସେ କହିଥିଲେ ।ଆମେରିକା ସରକାର ବିଭିନ୍ନ




ଦେଶ ଉପରେ ୧୫୦ ଦିନ ପାଇଁ ଲଗାଇଥିବା ଅତିରିକ୍ତ ଶୁଳ୍କର ଅବଧି ଶୁକ୍ରବାର ଶେଷ ହେଉଥିଲା। ତାହାକୁ ନଜରରେ ରଖି ଆମେରିକା ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରିର୍ ନୂଆ ଶୁଳ୍କ ଘୋଷଣା କରିଛନ୍ତି। ବଳପୂର୍ବକ ଶ୍ରମ ଉପଯୋଗ କରି ପ୍ରସ୍ତୁତ କରାଯାଉଥିବା ଉତ୍ପାଦ ଆମଦାନିକୁ ନିଷିଦ୍ଧ କରିବା ପାଇଁ କୌଣସି ଆଇନ ରଖିନଥିବା ଦେଶ ଯଥା ଚୀନ, ବ୍ରିଟେନ ଓ ଜାପାନ ଉପରେ ୧୨.୫ ପ୍ରତିଶତ ହାରରେ ଶୁଳ୍କ ଲଗାଯାଇଛି। ଭାରତ, କାନାଡା, ବାଂଲାଦେଶ ଓ ପାକିସ୍ତାନ ଉପରେ ୧୦ ପ୍ରତିଶତ ଏବଂ ମୋଟ ୪୩ଟି ଦେଶ ଉପରେ ୧୨.୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଶୁଳ୍କ ଲଗାଇବାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା ।ଗତବର୍ଷ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ଆମେରିକା ସୁପ୍ରିମକୋର୍ଟ ନିଷିଦ୍ଧ କରିବା ପରେ ଟ୍ରମ୍ପ ଅନ୍ୟ ଏକ ଆଇନରେ ଥିବା ଗଳାବାଟକୁ ଉପଯୋଗ କରି ଅସ୍ଥାୟୀ ଭାବେ ୧୫୦ ଦିନ ପାଇଁ ୧୦ ପ୍ରତିଶତ ଶୁଳ୍କ ସବୁ ଦେଶ ଉପରେ ଲଗାଇଥିଲେ। ସେହି ଶୁଳ୍କ ଅବଧି ଶେଷ ହେବାର ବହୁ ପୂର୍ବରୁ ଜାଣିଶୁଣି ସେ ବଳପୂର୍ବକ ଶ୍ରମ ଜନିତ ନିୟମ ବାହାନାରେ ଏକ ତଦନ୍ତ ଆରମ୍ଭ କରି ପୁଣି ଥରେ ୧୦-୧୨.୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଫଳରେ ତାଙ୍କ ଦ୍ୱିତୀୟ ପାଳିର ଶୁଳ୍କ ନୀତି ଯେକୌଣସି ପ୍ରକାରରେ ବଜାୟ ରହିପାରିଛି।



# ରଥଯାତ୍ରାରେ ତୀର୍ଥଯାତ୍ରୀ ବିଶ୍ରାମ ଓ ରିଫ୍ରେସମେଂଟ ଜୋନ୍ ସ୍ଥାପନ କରିଛି ଇଣ୍ଡିଆ ଆକ୍ସନ ପ୍ରୋଜେକ୍ଟସ

**ଭୁବନେଶ୍ୱର, ୨୪।୭ (ନି.ପ୍ର) :** ଭାରତ ଆକ୍ସନ ପ୍ରୋଜେକ୍ଟ ପକ୍ଷରୁ ଚଳିତ ବର୍ଷ ଶ୍ରୀଜଗନ୍ନାଥ ରଥଯାତ୍ରା ସମୟରେ ପୁରୀକୁ ଆସୁଥିବା ଭକ୍ତମାନଙ୍କ ପାଇଁ ଏକ ବୃହତ ତୀର୍ଥଯାତ୍ରୀ ବିଶ୍ରାମ ଏବଂ ରିଫ୍ରେସମେଂଟ ଜୋନ୍ (ବିଶ୍ରାମ କେନ୍ଦ୍ର) ସ୍ଥାପନ କରାଯାଇଛି। ଭାରତ ଆକ୍ସନ ପ୍ରୋଜେକ୍ଟ ଗ୍ରାମୀଣ ଭାରତରେ ଉଦ୍ୟୋଗ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିଥାଏ। ପୁରୀରେ ଭକ୍ତମାନଙ୍କ ଯାତ୍ରାକୁ ଅଧିକ ଆରାମଦାୟକ ଏବଂ ମର୍ଯ୍ୟାଦାଜନକ କରିବା ପାଇଁ ବିଶ୍ରାମ କେନ୍ଦ୍ର ଏହାର ଏକ ଛୋଟ ଅବଦାନ। ରଥଯାତ୍ରା ସମୟରେ ତୀର୍ଥଯାତ୍ରୀମାନଙ୍କ ବସିବା, ବିଶ୍ରାମ କରିବା ଏବଂ ସତେଜ ହେବା ପାଇଁ ଏକ ସୁରକ୍ଷିତ, ପରିଷ୍କାର ଏବଂ ଆଶ୍ରୟସ୍ଥଳ ପ୍ରଦାନ କରିବା ପାଇଁ ପୁରୀ ବେଳାଭୂମିରେ ବିଶାଳ ବିଶ୍ରାମ କେନ୍ଦ୍ର ସୁବିଧା ସୃଷ୍ଟି କରାଯାଇଛି। ଏହି ବିଶ୍ରାମ ଏବଂ ରିଫ୍ରେସମେଂଟ ଜୋନ୍ ?ରେ ଜୈବ-ଶୌଚାଳୟ ଏବଂ ଚେଞ୍ଜିଙ୍ଗ ରୁମ୍ ମଧ୍ୟ ଅଛି। ଏହା ପୁରୀ ନଗର ନିଗମ ଏବଂ ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବରେ ପରିଚାଳିତ ହେଉଛି। ସମଗ୍ର ଦେଶରୁ ଭକ୍ତମାନେ ପୁରୀକୁ ଯାତ୍ରା କରିଥାନ୍ତି, ଯିଏକି ରଥଯାତ୍ରାରେ ଅଂଶଗ୍ରହଣ କରିବା ପାଇଁ ଦୀର୍ଘ ଏବଂ



ଶାରୀରିକ ଭାବରେ କଷ୍ଟକର ଯାତ୍ରା କରନ୍ତି। ଯେହେତୁ ରଥଯାତ୍ରା ବର୍ଷା ସମୟରେ ହୋଇଥାଏ, ତେଣୁ ପ୍ରବଳ ବର୍ଷା ଯାତ୍ରା ଓ ଅପେକ୍ଷା ସମୟକୁ ବିଶେଷ କଷ୍ଟକର କରିପାରେ। ଏହି ଆଚ୍ଛାଦିତ ବିଶ୍ରାମ କେନ୍ଦ୍ର ତୀର୍ଥଯାତ୍ରୀମାନଙ୍କୁ ବର୍ଷାରୁ ସୁରକ୍ଷା ଓ ବିଶ୍ରାମ ନେବା ଏବଂ ସତେଜତା ପାଇଁ ଏକ ଉତ୍ସର୍ଗୀକୃତ ସ୍ଥାନ ପ୍ରଦାନ କରିବ। ରଥଯାତ୍ରା ସମୟରେ, ବିଶ୍ରାମ କେନ୍ଦ୍ରରେ ଭକ୍ତମାନଙ୍କୁ ମାଗଣା ପାନୀୟ ଜଳ ଏବଂ ଗ୍ଲୁକୋଜ୍ ପାନୀୟ ମଧ୍ୟ ଯୋଗାଇ ଦିଆଯିବ। ଏହି ପଦକ୍ଷେପ ସମ୍ପର୍କରେ ଇଣ୍ଡିଆ ଆକ୍ସନ୍ ପ୍ରୋଜେକ୍ଟର ସହ-ପ୍ରତିଷ୍ଠାତା ଶ୍ରୁତି ଚତୁର୍ବେଦୀ କହିଛନ୍ତି, "ଲୋକମାନେ ଦେଶ ସାରାରୁ ଜଗନ୍ନାଥ ପୁରୀକୁ ଆସିଥାନ୍ତି, ରଥଯାତ୍ରାର ଅଂଶଗ୍ରହଣ କରିବା ପାଇଁ ସେମାନେ ଶହ ଶହ ଓ ବେଳେବେଳେ ହଜାର ହଜାର କିଲୋମିଟର ଯାତ୍ରା କରି ଆସିଥାନ୍ତି। ଏହି ବିଶ୍ରାମ କେନ୍ଦ୍ର ସେମାନଙ୍କର ଯାତ୍ରାକୁ ଟିକିଏ ସହଜ କରିବା ପାଇଁ ଆମର ଛୋଟ ଅବଦାନ। ଯେହେତୁ ଏହି ସମୟ ମଧ୍ୟରେ ପୁରୀରେ ବହୁତ ବର୍ଷା ହୁଏ, ଆମେ ଏକ ବଡ଼, ସୁରକ୍ଷିତ ଏବଂ ସ୍ୱଚ୍ଛ ଆଚ୍ଛାଦିତ ସ୍ଥାନ ସୃଷ୍ଟି କରିବାକୁ ଚାହୁଁଥିଲୁ ଯେଉଁଠାରେ ଭକ୍ତମାନେ ଶୃଙ୍ଖଳା ରହିପାରିବେ, ବସିପାରିବେ, ବିଶ୍ରାମ କରିପାରିବେ ଏବଂ ନିଜକୁ ସତେଜ କରିପାରିବେ।"

# କିଆ ଇଣ୍ଡିଆ ସାଇରୋସ୍ EVକୁ ୧୩.୪୯ ଲକ୍ଷ ଟଙ୍କା ଆକର୍ଷଣୀୟ ମୂଲ୍ୟରେ ଲଞ୍ଚ କରିଛି

**ନୂଆଦିଲ୍ଲୀ, ୨୪।୭ (ନି.ପ୍ର):** ଦେଶର ପ୍ରମୁଖ ମାସ୍-ପ୍ରିମିୟମ୍ ଅଟୋମେକର୍ ମଧ୍ୟରୁ ଗୋଟିଏ, କସବ ଇଣ୍ଡିଆ, ଆଜି ଏହାର ଦ୍ୱିତୀୟ ମେଡ୍-ଇନ୍-ଇଣ୍ଡ ମାର୍କେଟ୍ ଇଲେକ୍ଟ୍ରିକ୍ ଯାନ, କସବ Syros EV ଲଞ୍ଚ କରିଛି, ଯାହା ୪୨ ଲଡକ୍ଷ ଭାରିଆଣ୍ଟ ପାଇଁ ୧୩.୪୯ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ଏବଂ ୧୬.୯୯ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରୁ ଆରମ୍ଭ ହେଉଛି। ୫୧.୪ ଲଡକ୍ଷ ବିସ୍ତାରିତ ରେଞ୍ଜ ଭାରିଆଣ୍ଟ। ବୈଦ୍ୟୁତିକ ଗତିଶୀଳତାକୁ ଅଧିକ ସୁଲଭ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, କସବ ଏହି ମୂଲ୍ୟକୁ ଶିଳ୍ପର ସବୁଠାରୁ ଶକ୍ତିଶାଳୀ ମାଲିକାନା ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଗୋଟିଏ ସହିତ ଯୋଡ଼ିଛି - ଏକ ଶିଳ୍ପ-ସର୍ବୋତ୍ତମ ନିଶ୍ଚିତ ବାଇବ୍ୟାକ୍ କାର୍ଯ୍ୟକ୍ରମ, ବ୍ୟାଟେରୀ-ଆଜ୍-ଏ-ସର୍ଭିସ୍ (BaaS), ଏବଂ ଏକ ଲାଇଫଟାଇମ୍ ହାଇ ଭୋଲଟେଜ୍ ବ୍ୟାଟେରୀ ୱାରେଣ୍ଟି, ଯାହା ବୈଦ୍ୟୁତିକକୁ ସୁଲଭ କରିବା ପାଇଁ ଅଧିକ ସୁଲଭ, ନିଶ୍ଚିତ ଏବଂ ଚିନ୍ତାମୁକ୍ତ କରିଥାଏ। ଝଙ୍କକ୍ଷ୍ଟ ରଠ ୩୦ ଜୁଲାଇ ୨୦୨୬ ରୁ ଦେଶବ୍ୟାପୀ କସବ ଡିଲରସିପ୍ସରେ ବିକ୍ରୟ ପାଇଁ ଆରମ୍ଭ ହେବ।



Syros EV କସବ ଇଣ୍ଡିଆର ବିଶ୍ୱାସକୁ ପ୍ରତିଫଳିତ କରେ ଯେ EV ଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଶକ୍ତିଶାଳୀ ଉତ୍ପାଦ ଅପେକ୍ଷା ଅଧିକ ଆବଶ୍ୟକ, ଏହା ସମଗ୍ର ମାଲିକାନା ଯାତ୍ରାରେ ପ୍ରକୃତ ଆତ୍ମବିଶ୍ୱାସ ଏବଂ ମୂଲ୍ୟ ଆବଶ୍ୟକ କରେ। ଭାରତରେ ନିର୍ମିତ, Syros EV ଏହାର ଶ୍ରେଣୀର ସବୁଠାରୁ ବ୍ୟାପକ ରଠ ମାଲିକାନା ଇକୋସିଷ୍ଟମ ମଧ୍ୟରୁ ଗୋଟିଏର ସମର୍ଥନ ସହିତ ପ୍ରଗତିଶୀଳ ଡିଜାଇନ୍, ସେଗମେଣ୍ଟ-ଅଗ୍ରଣୀ କାର୍ଯ୍ୟଦକ୍ଷତାକୁ ଏକତ୍ରିତ କରେ। ଘୋଷଣା ଉପରେ ମତାମତ ଦେଇ, କିଆ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶ୍ରୀଯୁକ୍ତ ଗ୍ୱାଙ୍ଗଗୁ ଲି କହିଛନ୍ତି, 'କିଆରେ, ପ୍ରତ୍ୟେକ ଉତ୍ପାଦ ଗୋଟିଏ ପ୍ରଶ୍ନରୁ ଆରମ୍ଭ ହୁଏ, ଆମେ ଆମର ଗ୍ରାହକମାନଙ୍କ ପାଇଁ କିପରି ଅଧିକ ମୂଲ୍ୟ ସୃଷ୍ଟି କରିପାରିବା ସାଇରୋସ୍ ଇଭି ଏହାର ଉତ୍ତର ଦିଏ ଯେ କୌଣସି ଆପୋଷ ବିନା ବୈଦ୍ୟୁତିକ ଗତିଶୀଳତାକୁ ଅଧିକ ସୁଗମ କରି। ଏକ ଆକର୍ଷଣୀୟ ମୂଲ୍ୟ ବିନ୍ଦୁ ବ୍ୟତୀତ, ଆମେ ଶିଳ୍ପର ସବୁଠାରୁ ଆତ୍ମବିଶ୍ୱାସୀ ମାଲିକାନା ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଗୋଟିଏ ନିର୍ମାଣ କରିଛୁ ଯାହା ଏକ ନିଶ୍ଚିତ ବାଇବ୍ୟାକ୍ କାର୍ଯ୍ୟକ୍ରମ ପ୍ରଦାନ କରୁଛି ଯାହା ୮୦% ପର୍ଯ୍ୟନ୍ତ ପୁନଃବିକ୍ରୟ ମୂଲ୍ୟ ପ୍ରଦାନ କରୁଛି, ଆଜି ଭାରତରେ ସର୍ବୋତ୍ତମ, BaaS ସହିତ ରଠ ମାଲିକାନା ପାଇଁ ସବୁଠାରୁ ସୁଗମ ପ୍ରବେଶ ବିନ୍ଦୁଗୁଡ଼ିକ ମଧ୍ୟରୁ ଗୋଟିଏକୁ ସକ୍ଷମ କରୁଛି; ଏବଂ ଏକ ଲାଇଫଟାଇମ୍ ବ୍ୟାଟେରୀ ୱାରେଣ୍ଟି ଦୀର୍ଘକାଳୀନ ବ୍ୟାଟେରୀ ଆତ୍ମବିଶ୍ୱାସ ପ୍ରଦାନ କରୁଛି, ଯାହା ରଠ ଗ୍ରହଣକୁ ପ୍ରଭାବିତ କରୁଥିବା ପ୍ରମୁଖ ଚିନ୍ତାଧାରାକୁ ସମାଧାନ କରୁଛି। ୫୨୬ କିମି ଏବଂ ୧୭୧ ଚଝ କାର୍ଯ୍ୟଦକ୍ଷତାର ସେଗମେଣ୍ଟ-ଅଗ୍ରଣୀ ପରିସର, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ କିଆର ବର୍ଦ୍ଧିତ EV ଇକୋସିଷ୍ଟମ ସହିତ ମିଳିତ ଭାବରେ, ସାଇରୋସ୍ ଇଭି ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରତ୍ୟେକ ନିଷ୍ପତ୍ତିର କେନ୍ଦ୍ରରେ ରଖି ସ୍ଥାୟୀ ଗତିଶୀଳତା ଆଡ଼କୁ ଭାରତର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରେ।'

ରଠ ମାଲିକାନାକୁ ଅଧିକ ସୁଲଭ କରିବା ପାଇଁ, Syros EV କିଆର ବ୍ୟାଟେରୀ-ଆଜ୍-ଏ-ସର୍ଭିସ୍ (BaaS) କାର୍ଯ୍ୟକ୍ରମ ସହିତ ପ୍ରଦାନ କରାଯାଇଛି, ଯାହା ଚେସିସ୍ ଏବଂ ବ୍ୟାଟେରୀକୁ ପୃଥକ ଭାବରେ ଫାଇନାନ୍ସ ସହିତ ଏକ ଡୁଆଲ୍-ଲୋନ୍ ମଡେଲ୍ ଭାବରେ ସଂରଚିତ ନମନୀୟ ଆର୍ଥିକ ବିକଳ୍ପ ପ୍ରଦାନ କରେ। ମାଲିକାନା ଓଘଜ ୭.୯୯ ଲକ୍ଷରୁ ଆରମ୍ଭ ହୁଏ, ପ୍ରତି କିଲୋମିଟରରେ ଓଘଜ ୩.୩ ର ଏକ ସ୍ୱଚ୍ଛ ବ୍ୟାଟେରୀ ରଗଓ ସହିତ, କିଆ ସାଇରୋସ୍ ରଠ ମାଲିକାନା ଅଭିଜ୍ଞତାକୁ ଅଧିକ ସୁଲଭ ଏବଂ ସୁଲଭ କରିଥାଏ।

ପ୍ରତ୍ୟେକ ସାଇରୋସ୍ ରଠ ଲାଇଫଟାଇମ୍ ହାଇ ଭୋଲଟେଜ୍ ବ୍ୟାଟେରୀ ୱାରେଣ୍ଟିଞ୍ଜ ଦ୍ୱାରା ସମର୍ଥିତ, ୧୫ ବର୍ଷ, ଅସୀମିତ କିଲୋମିଟର ସହିତ, କିଆର ଏହାର ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ଉପରେ ବିଶ୍ୱାସକୁ ପୁନଃନିର୍ଦ୍ଦିଷ୍ଟ କରେ ଏବଂ ଗ୍ରାହକମାନଙ୍କୁ ସେମାନଙ୍କ ରଠ ର ସବୁଠାରୁ ମୂଲ୍ୟବାନ ଉପାଦାନ ଉପରେ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରେ।

# ଚାରି ଜଣ ରାଜ୍ୟଗୋଷ୍ଠୀ ଯୋଗ୍ୟତା ହାସଲକାରୀଙ୍କ ସମେତ ୫୦୦ରୁ ଅଧିକ ଜୁଡୋ ପ୍ରତିଭାଙ୍କୁ ଆକ୍ସିସ୍ ବ୍ୟାଙ୍କ ଓ ଆଇଆଇଏସ୍‌ର ସହଯୋଗ



**ଭୁବନେଶ୍ୱର, ୨୪।୭ (ନି.ପ୍ର) :** ଭାରତର ଅନ୍ୟତମ ସର୍ବବୃହତ୍ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଇନସ୍ପାୟାର ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ (ଆଇଆଇଏସ୍) ସହଯୋଗରେ ଆକ୍ସିସ ବ୍ୟାଙ୍କ ଜୁଡୋ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଭାରତର ପ୍ରତିଭାବାନ କ୍ରୀଡ଼ାବିତମାନଙ୍କୁ ଅନ୍ତର୍ଜାତୀୟ ସଫଳତା ପାଇଁ ପ୍ରସ୍ତୁତ କରାଯାଉଛି। ତୃଣମୂଳ ଓ ଉଚ୍ଚ ପ୍ରଦର୍ଶନ ସ୍ତରରେ ୫୦୦ରୁ ଅଧିକ କ୍ରୀଡ଼ାବିତଙ୍କୁ ଏହି କାର୍ଯ୍ୟକ୍ରମରେ ସମର୍ଥନ ପ୍ରଦାନ କରାଯାଇଛି ଯେଉଁଥିରୁ ଚାରିଜଣ ମହିଳା ଜୁଡୋ ଖେଳାଳି ଗ୍ଲାସଗୋର ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେମାନେ ହେଉଛନ୍ତି ମଧ୍ୟପ୍ରଦେଶର ଯାମିନି ମୌର୍ଯ୍ୟ (୫୭ କେଜି ବର୍ଗ), ଉତ୍ତରାଖଣ୍ଡର ଉନ୍ନତି ଶର୍ମା (୬୩ କେଜି ବର୍ଗ), ପଞ୍ଜାବର ଇସରୁପ ନାରଙ୍ଗ (୭୮ କେଜି ବର୍ଗ) ଓ ମଣିପୁରର ତାଖେଲାମ୍ବମ ଇନୁଙ୍ଗନବି (୭୦ କେଜି ବର୍ଗ)। ଏହି ସଫଳତା ଆକ୍ସିସ୍ ବ୍ୟାଙ୍କ ଜୁଡୋ ବିକାଶ କାର୍ଯ୍ୟକ୍ରମର ପ୍ରଭାବକୁ ଦର୍ଶାଉଛି। କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ହାସଲ କରିଥିବା ଲିନ୍ଥୋଇ ଚନାଲମ୍ବମ ଭାରତର ପ୍ରଥମ ବିଶ୍ୱ କନିଷ୍ଠ ଚାମ୍ପିଅନସିପ୍‌ରେ ମେଡାଲ୍ ହାସଲ କରି ଗୌରବ ଆଣିଛନ୍ତି। ସେ ୨୦୨୫ରେ ପେରୁରେ ଅନୁଷ୍ଠିତ ବିଶ୍ୱ ଜୁନିଅର ଚାମ୍ପିଅନସିପରେ ବ୍ରୋଞ୍ଜ ପଦକ ଜିତିଥିଲେ। ମଣିପୁରରେ ତୃଣମୂଳ ସ୍ତର କାର୍ଯ୍ୟକ୍ରମ ଓ ଆଇଏସ୍‌ଏସ୍ ହାଇ ପରଫର୍ମାନ୍ସ ସେଂଟର ଜରିଆରେ ଏହି କାର୍ଯ୍ୟକ୍ରମ ୪୭୧ ଯୁବ ଜୁଡୋ ପ୍ରତିଭା ଓ ୫୩ ଜଣ ଇଲାଇଟ୍ ମହିଳା ପ୍ରତିଭାଙ୍କୁ ସମର୍ଥନ କରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସହାୟତା ପାଇଥିବା କ୍ରୀଡ଼ାବିତମାନେ ବିଭିନ୍ନ ରାଜ୍ୟସ୍ତରୀୟ, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ୧୪୦ରୁ ଅଧିକ ମେଡାଲ ଜିତିଛନ୍ତି। ସେମାନଙ୍କ ମଧ୍ୟରୁ କିଛି କ୍ରୀଡ଼ାବିତ ଜାପାନ, ଜର୍ଜିଆ ଓ ଉଜବେକିସ୍ତାନରେ ଅନୁଷ୍ଠିତ ୧୧ଟି ଅନ୍ତର୍ଜାତୀୟ ତାଲିମ ଶିବିରରେ ଯୋଗଦେଇଥିଲେ। ମଣିପୁରରେ ମଣିପୁର ଜୁଡୋ ସଂଘ ଓ ଅଲିମ୍ପିଆନ ସୁଶିଳା ଦେବୀଙ୍କ ସହଯୋଗରେ ପ୍ରତିଭାବାନ ଜୁଡୋ ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କ୍ରୀଡ଼ା ବିଜ୍ଞାନ ସହିତ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ, ପୋଷଣ, ଦୃଢ଼ତା ଓ କଣ୍ଡିସନିଂ, ମାନସିକ ସ୍ୱାସ୍ଥ୍ୟ ସହାୟତା, ଶିକ୍ଷା ସହଯୋଗ ଓ ପ୍ରତିଯୋଗିତାରେ ଭାଗ ନେବା ଭଳି ସୁଯୋଗ ପ୍ରଦାନ କରାଯାଉଛି।

# ଫର୍ଚ୍ୟୁନ୍ ପକ୍ଷରୁ ପୁରୀରେ ଭକ୍ତଙ୍କୁ ଏକ ଅଭୂତପୂର୍ବ ବହୁମୁଖୀଉତ୍ସବ ଅନୁଭୂତି ପ୍ରଦାନ ସହ ରଥଯାତ୍ରା ପାଳିତ

**ଭୁବନେଶ୍ୱର, ୨୪।୭ (ନି.ପ୍ର) :** ଭାରତର ଅନ୍ୟତମ ବୃହତ୍ତମ ଖାଦ୍ୟ ଏବଂ ଏଫ୍‌ଏମ୍‌ସିଜି କମ୍ପାନୀ'ଏଡବ୍ଲ୍ୟୁଏଲ୍ ଆଗ୍ରିବିଜନେସ ଲିମିଟେଡ୍', ନିଜର ପ୍ରମୁଖବ୍ରାଣ୍ଡ'ଫର୍ଚ୍ୟୁନ୍' ମାଧ୍ୟମରେ ବାର୍ଷିକ ରଥଯାତ୍ରା ଉତ୍ସବ ପାଇଁ ପୁରୀକୁ ଫେରିଛି। ସଂସ୍କୃତି, ପାରମ୍ପରିକ ଆହାର, ନବସୃଜନ ଏବଂ ଗ୍ରାହକ ମାନଙ୍କ ସହ ଅର୍ଥପୂର୍ଣ୍ଣ ଯୋଡ଼ି ହେବାର ଏକ ସାମଗ୍ରିକ ପ୍ରୟାସସହବ୍ରାଣ୍ଡ ପକ୍ଷରୁଭାରତର ଏହି ଅନ୍ୟତମ ପ୍ରସିଦ୍ଧ ପର୍ବସମୟରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ଏକ ଅଭୂତପୂର୍ବ ଅନୁଭୂତି ସୃଷ୍ଟି କରାଯାଇଛି।

ଏକ ପରିପୂର୍ଣ୍ଣବ୍ରାଣ୍ଡ ପରିବେଶ ଭାବରେ ପ୍ରସ୍ତୁତ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ମିଶ୍ରିତବାସ୍ତବତା (ଏମଆର) ଏବଂ ଆଭାସୀ ବାସ୍ତବତା (ଭିଆର) ଅନୁଭୂତି, ଏକ କୃତ୍ରିମବୁଦ୍ଧିମତ୍ତା (ଏଆଇ)-ଚାଳିତ ଫୋଟୋବୁଥ୍, ଲାଇଭ୍‌କିଚେନ୍, ସୁବିଧାଜନକ ସେବା ମୂଳକ ପଦକ୍ଷେପ ଏବଂ ଫର୍ଚ୍ୟୁନ୍ ଖାଇବାତେଲର ଜାର୍ ଓ ପେଟ୍‌ବୋତଲ ବ୍ୟବହାର କରିତିଆରି କରାଯାଇଥିବା ଏକ ପ୍ରତୀକାତ୍ମକ ରଥ ସ୍ଥାପନ କରାଯାଇଥିଲା। ଏହି ସମଗ୍ର ଉତ୍ସବରେ ଫର୍ଚ୍ୟୁନ୍ ସୂର୍ଯ୍ୟମୁଖୀ ତେଲ ମୁଖ୍ୟ ଆକର୍ଷଣ ସାଜିଥିଲା, ଯାହା ଅଗନ୍ତୁକ ଯାତ୍ରୀଙ୍କୁ ପ୍ରତ୍ୟେକ୍ଷ ଭାବେ ଖାଦ୍ୟ ଅନୁଭୂତି ଏବଂ ଉତ୍ସବର କାର୍ଯ୍ୟକ୍ରମ ଗୁଡ଼ିକରେ ପ୍ରମୁଖ ଭାବେ ସାମିଲ କରିଥିଲା।



ଏହିଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଏକ ବିଶେଷ ପ୍ରଯୁକ୍ତି ବିଦ୍ୟାଜୋନ୍, ଯାହା ଦର୍ଶକଙ୍କୁ ମିଶ୍ରିତ ବାସ୍ତବତା ଏବଂ ଆଭାସୀ ବାସ୍ତବତା ମାଧ୍ୟମରେ ରଥଯାତ୍ରାରେ ଅଂଶଗ୍ରହଣ କରିବାରଭାବପୂର୍ଣ୍ଣ ଅନୁଭୂତି ପ୍ରଦାନ କରିଥିଲା।ସେନ୍ସର-ଚାଳିତ ପ୍ରଯୁକ୍ତି ଯୋଗୁଁ ଶ୍ରଦ୍ଧାଳୁ ମାନେ ପବିତ୍ର ରଥ ଟାଣିବାର ପ୍ରତୀକାତ୍ମକ ଅନୁଭବ ନେଇ ପାରିଥିଲେ, ଯାହା ପ୍ରକୃତ ରଥ ଟାଣାରେ ଭାଗନେଇ ପାରି ନଥିବା ଲୋକଙ୍କ ସମେତ ସବୁ ବୟସର ଦର୍ଶକଙ୍କ ପାଇଁ ଏକ ମନୋରନପୂର୍ଣ୍ଣ ଅନୁଭୂତି ହୋଇଥିଲା। ଏହି କାର୍ଯ୍ୟକ୍ରମର ଦୃଶ୍ୟ ଆକର୍ଷଣ ବୃଦ୍ଧିକରିବା ପାଇଁ ଏକ ପ୍ରତୀକାତ୍ମକ ରଥ ସ୍ଥାପନ କରାଯାଇଥିଲା, ଯାହା ଏହି ବାର୍ଷିକ ଉତ୍ସବର ମହତ୍ତ୍ୱପୂର୍ଣ୍ଣ ଯୋଗଦାନକୁ ସମ୍ମାନ ଜଣାଇଥିଲା।ଏହି ନିର୍ମାଣଟି ଭାରତର ଅନ୍ୟତମ ପବିତ୍ରସାଂସ୍କୃତିକ ପରମ୍ପରାକୁ ପାଳନ କରିବା ପାଇଁ ବ୍ରାଣ୍ଡର ସୃଜନଶୀଳ ଦୃଷ୍ଟିକୋଣକୁ ଦର୍ଶାଇବା ସହ ଉତ୍ସବ ସ୍ଥଳକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ପଦକ୍ଷେପ ସମ୍ପର୍କରେ ମନ୍ତବ୍ୟ ଦେଇ ଏଡବ୍ଲ୍ୟୁଏଲ୍ ଆଗ୍ରି ବିଜନେସ୍ ଲିମିଟେଡରସେଲ୍ସ ଆଣ୍ଡ ମାର୍କେଟିଂ ଜଏଣ୍ଟପ୍ରେସିଡେଣ୍ଟ ମୁକେଶ ମିଶ୍ର କହିଛନ୍ତି,'ଏଡବ୍ଲ୍ୟୁଏଲ୍ ଆଗ୍ରି ବିଜନେସ୍‌ରେ ଆମେ ବିଶ୍ୱାସକରୁଯେ ସମାଜକୁ ଏକାଠି ବାନ୍ଧିର ଖୁଥିବା ପରମ୍ପରା, ସ୍ୱାଦ ଏବଂ ସାଂସ୍କୃତିକ ମୁହୂର୍ତ୍ତ ଗୁଡ଼ିକୁ ପାଳନ କରିବା ଦ୍ୱାରା ହିଁସବୁଠାରୁ ଅର୍ଥପୂର୍ଣ୍ଣ ଗ୍ରାହକ ସମ୍ପର୍କ ଗଢ଼ିଉଠେ। କୋଟି କୋଟି ଭକ୍ତଙ୍କ ପାଇଁ ରଥଯାତ୍ରାର ଅପାର ମହତ୍ତ୍ୱରହିଛି, ଏବଂ ଫର୍ଚ୍ୟୁନ୍ ମାଧ୍ୟମରେ ପୁନର୍ବାର ଏହି ଭବ୍ୟଉତ୍ସବର ଅଂଶବିଶେଷ ହୋଇ ଥିବାରୁ ଆମେ ଅତ୍ୟନ୍ତ ସମ୍ମାନିତ। ଏହି ବର୍ଷ, ଆମେ ଏକ ସାମଗ୍ରିକ ଅନୁଭୂତିସୃଷ୍ଟିକରିଛୁ ଯାହାଶ୍ରଦ୍ଧାଳୁଙ୍କ ପାଇଁଖାଦ୍ୟ, ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଏବଂ ମହତ୍ତ୍ୱପୂର୍ଣ୍ଣ ସେବାକୁଏକାଠି ଆଣିଛି।

# ଡିଜିଟାଲ୍ ବ୍ୟାଙ୍କିଂ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ପ୍ରସାର ପାଇଁ ସିଏସସି ଏବଂ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ ସହବନ୍ଧିତ

**ଭୁବନେଶ୍ୱର, ୨୪।୭ (ନି.ପ୍ର) :** ସାରା ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ମଜବୁତ କରିବା ସହ ଡିଜିଟାଲ୍ ବ୍ୟାଙ୍କିଂ ଓ ବିଲ୍ ପେମେଣ୍ଟ ସେବାର ସୁବିଧା ସହଜରେ ପହଞ୍ଚାଇବା ପାଇଁ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ, ସିଏସସି ଇ-ଗଭର୍ଣ୍ଣାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡ୍ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । କୋଲକାତାରେ ଆୟୋଜିତ ସିଏସସିର ୧୭ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ସହଯୋଗିତା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ସହଯୋଗିତା ମାଧ୍ୟମରେ, ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ବ୍ୟାଙ୍କିଂ ଏବଂ ଡିଜିଟାଲ୍ ପେମେଣ୍ଟ ସେବାଗୁଡ଼ିକ ସିଏସସିର ୫ ଲକ୍ଷ ୬୦ ହଜାରରୁ ଅଧିକ ଜନସେବା କେନ୍ଦ୍ର (ସିଏସସି) ନେଟୱାର୍କରେ ଉପଲବ୍ଧ ହେବ । ଏହା ଦ୍ୱାରା ଗ୍ରାମାଞ୍ଚଳର ନାଗରିକମାନଙ୍କ ପାଖରେ ଆନୁଷ୍ଠାନିକ ଆର୍ଥିକ ସେବା ସହଜରେ ପହଞ୍ଚିପାରିବ । ଜି୨ସି ବା ସରକାରଙ୍କ ଠୁ ନାଗରିକ ସେବାର ସଠିକ ତଦାରଖ ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ସିଏସସି ଇ-ଗଭର୍ନାନ୍ସ ସ୍ଥାପିତ କରାଯାଇଛି । ଏହା ନିଜର କେନ୍ଦ୍ର ଗୁଡ଼ିକ ମାଧ୍ୟମରେ ନାଗରିକ ମାନଙ୍କୁ ଜି୨ସି ସେବା ଉପଲବ୍ଧ କରାଇଥାଏ ଯାହା ଜନସେବା କେନ୍ଦ୍ର ଭାବେ ପରିଚିତ । ସିଏସସି ଇ-ଗଭର୍ଣ୍ଣାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡର ସିନିୟର ଭାଇସ୍-ପ୍ରେସିଡେଣ୍ଟ ଶ୍ରୀ କୃଷ୍ଣ କୁମାର ସିଂହ କହିଛନ୍ତି, ' ସିଏସସିରେ, ଆମେ ପ୍ରତ୍ୟେକ ନାଗରିକ, ବିଶେଷ କରି ଗ୍ରାମାଞ୍ଚଳ ଏବଂ ଅବହେଳିତ ଅଞ୍ଚଳର ଲୋକଙ୍କ ପାଖରେ ନିତ୍ୟାବଶ୍ୟକ ସେବା ପହଞ୍ଚାଇବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ ସହିତ ଆମର ଏହି ସହଯୋଗିତା ଭାରତରେ ସୁରକ୍ଷିତ, ସହଜ ଏବଂ ସୁବିଧାଜନକ ବ୍ୟାଙ୍କିଂ ଓ ପେମେଣ୍ଟ ସେବାକୁ ଲୋକଙ୍କ ନିକଟତର କରି ଆମର ଏହି ସଂକଳ୍ପକୁ ଆହୁରି ମଜବୁତ କରୁଛି ।' ଏୟାରଟେଲ୍




ପେମେଣ୍ଟସ ବ୍ୟାଙ୍କର ଚିଫ୍ ସେଲ୍ସ ଆଣ୍ଡ ଡିଷ୍ଟ୍ରିବ୍ୟୁସନ୍ ଅଫିସର ଶ୍ରୀ ପ୍ରଣବ କୌଶଲ କହିଛନ୍ତି, ' ସିଏସସି ଇ-ଗଭର୍ଣ୍ଣାନ୍ସ ସହିତ ଏହି ସହଯୋଗିତା ଆମର ସେହି ଲକ୍ଷ୍ୟପଥରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯାହାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଖରେ ବ୍ୟାଙ୍କିଂ ସେବା ପହଞ୍ଚାଇବା, ସେମାନେ ଯେଉଁଠାରେ ବି ରହୁଥାନ୍ତୁ ନା କାହିଁକି । ଭାରତର ଡିଜିଟାଲ୍ ଅର୍ଥବ୍ୟବସ୍ଥାର ସମାବେଶୀ ବିକାଶ ପାଇଁ, ଆନୁଷ୍ଠାନିକ ବ୍ୟାଙ୍କିଂ ସେବା ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ଜରୁରୀ, ଯାହା ଏକ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ନାଗରିକଙ୍କ ପାଖାପାଖି ଗଢ଼ିଉଠିଥିବା ଭିତ୍ତିଭୂମି ଉପରେ ଆଧାରିତ । ସିଏସସିର ବିଶାଳ ତୃଣମୂଳ ନେଟୱାର୍କ ସହିତ ଆମର ଡିଜିଟାଲ୍ ବ୍ୟାଙ୍କିଂ ଦକ୍ଷତାକୁ ଯୋଡ଼ି, ଆମେ କୋଟି କୋଟି ଲୋକଙ୍କ ପାଖରେ ବ୍ୟାଙ୍କିଂ ଏବଂ ଡିଜିଟାଲ୍ ବିଲ୍ ପେମେଣ୍ଟ ସେବା ସହଜରେ ପହଞ୍ଚାଇବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ତିଆରି କରୁଛୁ। ମିଳିମିଶି, ଆମେ ତୃଣମୂଳ ସ୍ତରରେ ବିଶ୍ୱାସ, ଆର୍ଥିକ ଆତ୍ମସମ୍ମାନ ଏବଂ ସ୍ଥାୟୀ ସଶକ୍ତୀକରଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ ।'

ଏହି ସହଯୋଗିତା ସିଏସସି ଇ-ଗଭର୍ଣ୍ଣାନ୍ସର ବିଶ୍ୱସନୀୟ ନାଗରିକ ସେବା ନେଟୱାର୍କକୁ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ଡିଜିଟାଲ୍ ବ୍ୟାଙ୍କିଂ ଦକ୍ଷତା ସହିତ ଯୋଡ଼ି ଭାରତର ଡିଜିଟାଲ୍ ପବ୍ଲିକ୍ ଇନ୍ ?ଫ୍ରାଷ୍ଟ୍ରକ୍ଚରର ପରିସରକୁ ବିସ୍ତାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଦୁଇଟି ସଂସ୍ଥା ମିଶି ଏକ ଶକ୍ତିଶାଳୀ ବ୍ୟବସ୍ଥା ତିଆରି କରିବେ, ଯାହା ଆନୁଷ୍ଠାନିକ ବ୍ୟାଙ୍କିଂ ସେବାକୁ ସହଜ କରିବ, ସରକାରୀ ସୁବିଧାଗୁଡ଼ିକୁ ସୁଚାରୁରୂପେ ପହଞ୍ଚାଇବାରେ ସାହାଯ୍ୟ କରିବ ଏବଂ ଏକ ଡିଜିଟାଲ୍ ସଶକ୍ତ ଓ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ଭାରତର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିବ।


# ଡାଲମିଆ ସିମେଣ୍ଟ ପକ୍ଷରୁ ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ'ର ୫ମ ସଂସ୍କରଣ ଅନୁଷ୍ଠିତ



**ପୁରୀ,୨୪।୭ (ନି.ପ୍ର) :** ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ 'ଡାଲମିଆ ଭାରତ ଲିମିଟେଡ୍' (ଡଇଖ) ପକ୍ଷରୁ 'ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ'ର ପଞ୍ଚମ ସଂସ୍କରଣ ଅନୁଷ୍ଠିତ ହୋଇଛି। ଓଡ଼ିଶାର ସାଂସ୍କୃତିକ ପରିଚୟ ସହ ଗଭୀର ଭାବେ ଜଡ଼ିତ ଏହି ଆଧ୍ୟାତ୍ମିକ ପରମ୍ପରାକୁ ଜୀବନ୍ତ ରଖିଥିବା ମୁଖ୍ୟ କାରିଗର ତଥା 'ମହାରାଣା'ମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି। କମ୍ପାନୀର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ଅନରିଂ ଶିଳ୍ପକାର୍ସ' (Honouring Shilpkars) ଅନ୍ତର୍ଗତ ଆୟୋଜିତ ଏହି ଭବ୍ୟ ଉତ୍ସବରେ, ଅନେକ ପିଢ଼ି ଧରି ପବିତ୍ର ରଥ ନିର୍ମାଣ ପରମ୍ପରାକୁ ଆଗେଇ ନେଉଥିବା ରଥ ଶିଳ୍ପୀମାନଙ୍କ ଅସାଧାରଣ ଦକ୍ଷତା, ନିଷ୍ଠା ଓ ଭକ୍ତିଭାବକୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚାରି ଜଣ ରଥ ଶିଳ୍ପୀଙ୍କୁ ସ୍ୱତନ୍ତ୍ର ଭାବେ ଉତ୍ତରୀୟ, ଟ୍ରଫି, ପାରମ୍ପରିକ ଧୋତି ଏବଂ ନଗଦ ୧୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅଭିଯାନର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବିଶେଷ ପଦକ୍ଷେପ ସ୍ୱରୂପ, ଏପର୍ଯ୍ୟନ୍ତ ସମ୍ମାନିତ ହୋଇଥିବା ସମସ୍ତ ୨୦ ଜଣ ରଥ ଶିଳ୍ପୀଙ୍କୁ ନିମନ୍ତ୍ରଣ କରାଯାଇ ଉତ୍ତରୀୟ, ସ୍ମାରକୀ ଓ ପାରମ୍ପରିକ ଧୋତି ଦେଇ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀର ପବିତ୍ର ରଥ ସମ୍ମୁଖରେ ଏହି ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିବାରୁ ଏହା ଅତ୍ୟନ୍ତ ବିଶେଷ ଗୁରୁତ୍ୱ ରହିଥିଲା, କାରଣ କାରିଗରମାନେ ସେହି ସ୍ଥାନରେ ହିଁ ସମ୍ମାନିତ ହୋଇଥିଲେ ଯେଉଁଠି ସେମାନଙ୍କ ଶିଳ୍ପକଳା ସର୍ବୋଚ୍ଚ ରୂପ ନେଇଥାଏ। ଏହି ୫ମ ବର୍ଷର ସଫଳତାକୁ ସ୍ମରଣୀୟ କରିବା ପାଇଁ, ଡାଲମିଆ ଭାରତ, ଓଡ଼ିଶା ଡାକ ବିଭାଗ ସହଯୋଗରେ ଓଡ଼ିଶାର ରଥ ଶିଳ୍ପୀମାନଙ୍କ ଶିଳ୍ପକଳା ଓ ନିରନ୍ତର ଯୋଗଦାନକୁ ସମ୍ମାନ ଜଣାଇ ଏକ ସ୍ମାରକୀ ଡାକ ଟିକେଟ ଏବଂ ସ୍ୱତନ୍ତ୍ର ଡାକ କଭର ଉନ୍ମୋଚନ କରିଛି, ଯାହା ଡାକ ଟିକେଟ ସଂଗ୍ରହ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କ ଐତିହ୍ୟକୁ ସୁରକ୍ଷିତ ରଖିବ। ଗତ ପାଞ୍ଚ ବର୍ଷ ମଧ୍ୟରେ 'ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ'ରେ ସମ୍ମାନିତ ସମସ୍ତ ୨୦ ଜଣ ରଥ ଶିଳ୍ପୀଙ୍କୁ ନେଇ କମ୍ପାନୀ ଏକ ସ୍ୱତନ୍ତ୍ର କଫି ଟେବୁଲ ବୁକ୍ ମଧ୍ୟ ପ୍ରକାଶ କରାଯାଇଛି। ଏହି ଆଭିମୁଖ୍ୟ ପଛରେ ଡାଲମିଆ ଭାରତର ଚିନ୍ତାଧାରା ବିଷୟରେ ପ୍ରକାଶ କରି କମ୍ପାନୀର ପ୍ରବକ୍ତା କହିଛନ୍ତି, 'ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତା ସମ୍ମାନର ଯୋଗ୍ୟ। ସେ ମଜବୁତ ଭିତ୍ତିଭୂମି ନିର୍ମାଣ ହେଉ କିମ୍ବା ଶତାବ୍ଦୀର ପୁରାତନ ପରମ୍ପରାକୁ ସୁରକ୍ଷା ହେଉ, ଉତ୍କର୍ଷତା ସଦାସର୍ବଦା ଦକ୍ଷତା, ଅନୁଶାସନ ଏବଂ ବର୍ଷ ବର୍ଷର ସାଧନାର ପରିଣାମ ହୋଇଥାଏ।

# ଓଏସିସ ଫର୍ଟିଲିଟି ପକ୍ଷରୁ ଭୁବନେଶ୍ୱରରେ 'ଜନନୀ ଡାଏଲଗ୍‌ସ' ଆୟୋଜିତ

**ଭୁବନେଶ୍ୱର, ୨୪।୭ (ନି.ପ୍ର) :** ଓଏସିସ ଫର୍ଟିଲିଟି ପକ୍ଷରୁ ଆଜି ପ୍ରଜନନ ସୁସ୍ଥତା, ନିବାରଣ ସଚେତନତା ଓ ସୂଚନା ଆଧାରିତ ପରିବାର ଗଠନ ଉପରେ ଏକ ଜନସ୍ୱାର୍ଥ ମଂଚ 'ଜନନୀ ଡାଏଲଗ୍‌ସ'ର ଭୁବନେଶ୍ୱର ସଂସ୍କରଣର ଆୟୋଜନ କରିଛି। 'ଦି ପାରେଂଟହୁଡ୍ ପାରାଡକ୍ସ: ବିଲ୍ଡିଂ ଏ ଫ୍ୟାମିଲି ଫ୍ରେଣ୍ଡଲି ଇଣ୍ଡିଆ' ବିଷୟବସ୍ତୁ ଉପରେ ଆଧାରିତ ଏହି ମଂଚ ଭାରତର ମନରେ କ୍ରମାଗତ ଭାବେ ଉଠୁଥିବା ଏକ ପ୍ରଶ୍ନ 'ଏକ ପରିବାର-ଅନୁକୂଳ ଭାରତ ଗଠନ ପାଇଁ କ'ଣ ଆବଶ୍ୟକ'ର ଅନୁଧ୍ୟାନ କରିବା ପାଇଁ ଭୁବନେଶ୍ୱରରେ ସ୍ୱାସ୍ଥ୍ୟସେବା ପେସାଦାର, ପରାମର୍ଶଦାତା ଚିକିତ୍ସକ ଓ ସମୁଦାୟର ଭାଗିଦାରମାନଙ୍କୁ ଏକାଠି କରିଥିଲା। ଏହି ମଂଚ ଏକ ଜାତୀୟ ଆଲୋଚନାର ଅଂଶ ଥିଲା। ହାଇଦ୍ରାବାଦରେ ଆୟୋଜିତ ମୁଖ୍ୟ ଆଲୋଚନା ସେହି ଦିନ ଭୁବନେଶ୍ୱର ଓ ଅନ୍ୟାନ୍ୟ କେତେକ ସହରକୁ ସିଧାସଳଖ ପ୍ରସାରିତ ହୋଇଥିଲା ଯାହା ଏହାକୁ ଗୋଟିଏ କୋଠରି ମଧ୍ୟରେ ସୀମିତ ନ ରଖି ସାରା ଦେଶର ଶ୍ରୋତାମାନଙ୍କ ପାଇଁ ଏକ ଏକକ ଜାତୀୟ ପ୍ୟାନେଲରେ ପରିଣତ କରିଥିଲା। ଆଲୋଚନାଗୁଡ଼ିକ ଭାରତ କିପରି ପରିବାର ଗଠନ କରୁଛି ସେଥିରେ ଏକ ଶାନ୍ତ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଉପରେ କେନ୍ଦ୍ରୀଭୂତ ଥିଲା। ଏହା ଚିନ୍ତାଜନକ ଯେ ଦେଶର ମୋଟ ପ୍ରଜନନ ହାର ଇତିମଧ୍ୟରେ ପ୍ରତିସ୍ଥାପନ ସ୍ତରଠାରୁ କମିଯାଇଛି। ବକ୍ତାମାନେ ଉଲ୍ଲେଖ କରିଛନ୍ତି ଯେ ଏହି ଜନସଂଖ୍ୟାଗତ ପରିବର୍ତନ ବିଳମ୍ବିତ ବିବାହ ତୁଳନାରେ ଦମ୍ପତିମାନେ ଶିକ୍ଷା, କ୍ୟାରିୟର, ଆର୍ଥିକ ସୁରକ୍ଷା ଓବ୍ୟକ୍ତିଗତ ଆକାଂକ୍ଷାକୁ ପ୍ରାଥମିକତା ଦେଇ ସଚେତନ ଭାବେ ପିତାମାତା ହେବାକୁ ବିଳମ୍ବ କରିବା ଦ୍ୱାରା ଅଧିକ ପରିଚାଳିତ ହେଉଛି। ଜୀବନଶୈଳୀ ବଦଳିବା ସହିତ ପ୍ରଜନନ ଜୈବ ବିଜ୍ଞାନ ତାହାର ନିଜସ୍ୱ ସମୟସୀମା ଅନୁସରଣ କରୁଛି ଯାହା ସମୟୋପଯୋଗୀ ସଚେତନତା ଓ ନିବାରଣ ଯତ୍ନ ମାଧ୍ୟମରେ ସୂଚିତ ନିଷ୍ପତି ନେବାରେ ସକ୍ଷମ କରିବା। ଏହି ଆଲୋଚନା ପିତାମାତା ହେବାର ଅର୍ଥନୀତିକୁ ମଧ୍ୟ ପରୀକ୍ଷା କରିଥିଲା ଯାହା ସାମର୍ଥ୍ୟ, ଆର୍ଥିକ ଯୋଜନା ଓସହାୟକ ସର୍ବସାଧାରଣ ନୀତିକୁ ବ୍ୟକ୍ତିଗତ ବୋଝ ପରିବର୍ତ୍ତେ ଗୁରୁତ୍ୱପୂର୍ଣ୍ଣ ସକ୍ଷମକାରୀ ଭାବରେ ଗ୍ରହଣ କରିଥିଲା। ଏହି ମଂଚ




ପ୍ରଜନନ ସଚେତନତା ଓ ନିବାରଣ ସ୍ୱାସ୍ଥ୍ୟସେବାକୁ ଅଧିକରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କରିପାରୁଛି ଏବଂ ପ୍ରଜନନ ସମସ୍ୟା ଆଡ଼କୁ ନେଉଥିବା ଅନେକ କାରକକୁ ପ୍ରତିରୋଧ କରାଯାଇପାରିବ। ଏହାର କେନ୍ଦ୍ରୀୟ ବିଷୟବସ୍ତୁ ଥିଲା 'ପାରେଂଟହୁଡ୍ ପାରାଡକ୍ସ' ନିଜେ: ବଦଳୁଥିବା ଜୀବନ ଆକାଂକ୍ଷା ଏବଂ ଅପରିବର୍ତ୍ତିତ ଜୈବିକ ବାସ୍ତବତା ମଧ୍ୟରେ ବୃଦ୍ଧି ପାଉଥିବା ବ୍ୟବଧାନ। ବକ୍ତାମାନେ ସ୍ପଷ୍ଟ କରିଥିଲେ ଯେ ଉଦ୍ଦେଶ୍ୟ କାହାର ବ୍ୟକ୍ତିଗତ ପସନ୍ଦକୁ ପ୍ରଭାବିତ କରିବା ନୁହେଁ, ବରଂ ପିତାମାନଙ୍କରଅଧିକ ସହଭାଗିତା ଏବଂ କର୍ମକ୍ଷେତ୍ର, ଶିକ୍ଷାନୁଷ୍ଠାନ ଓ ସମୁଦାୟରୁ ଅଧିକ ସହାୟତା ପାଇଁ ଆହ୍ୱାନ ଦେଇଥିଲା। ଏହି ସମାବେଶକୁ ସମ୍ବୋଧିତ କରି ଓଏସିସ ଫର୍ଟିଲିଟିର ସହ-ପ୍ରତିଷ୍ଠାତା ତଥା ମେଡିକାଲ ଡାଇରେକ୍ଟର ଡଃ ଦୁର୍ଗା ଜି ରାଓ କହିଛନ୍ତି ଯେ 'ଭାରତରେ ପରିବାର ଗଠନ ପାଇଁ ଯୋଜନା କରିବା ନିରବରେ କଷ୍ଟକର ହେଉଛି। ଲୋକମାନେ ପରିବାର ଚାହୁଁନାହାଁ ବୋଲି ନୁହେଁ, ବରଂ ଜୈବିକ ସମୟଚକ୍ର, ପିତାମାତା ହେବାର ଅର୍ଥନୀତି ଓ ଆଧୁନିକ କ୍ୟାରିୟରର ଚାହିଦା ଭିନ୍ନ ଭିନ୍ନ ଦିଗକୁ ଟାଣୁଛି। ଜନନୀ ଡାଏଲଗ୍‌ସ ସରକାର, ସ୍ୱାସ୍ଥ୍ୟସେବା, ନିଯୁକ୍ତିଦାତା, ମନୋବିଜ୍ଞାନୀ ଓ ସମୁଦାୟକୁ ଗୋଟିଏ ମଂଚରେ ଏକାଠି କରୁଛି ଯାହାଫଳରେ ପରିବାରଗୁଡ଼ିକୁ ଏହି ପସନ୍ଦଗୁଡ଼ିକୁ ଏକାକୀ ନିୟନ୍ତ୍ରଣ କରିବାକୁ ଛାଡ଼ିଦିଆଯିବ ନାହିଁ।''

ଓଏସିସ ଫର୍ଟିଲିଟି ଭାରତରେ ପ୍ରଜନନ ଚିକିତ୍ସାକୁ ସୁଦୃଢ଼ କରିବା ପାଇଁ ସମର୍ପିତ ତାହାର ଶିକ୍ଷା ଏବଂ ପ୍ରଶିକ୍ଷଣ ପଦକ୍ଷେପ 'ଓଏସିସ ଏକାଡେମୀ' ବିଷୟରେ ମଧ୍ୟ ଘୋଷଣା କରିଛି। ଏହି ଏକାଡେମୀ ତିନୋଟି କ୍ଷେତ୍ରରେ କାର୍ଯ୍ୟ କରିବେ। ତାହା ହେଉଛି ଗବେଷଣା ଏବଂ ନବସୃଜନ ଯେଉଁଥିରେ ମୌଳିକ ଗବେଷଣା, କ୍ଲିନିକାଲ ଅଧ୍ୟୟନ ଓ ବୈଜ୍ଞାନିକ ପ୍ରକାଶନ ମାଧ୍ୟମରେ ପ୍ରଜନନ ସ୍ୱାସ୍ଥ୍ୟସେବା ବିଜ୍ଞାନକୁ ଆଗକୁ ନିଆଯିବ। ଜ୍ଞାନ ସ୍ଥାନା'ରରେ ଓଏସିସ ମଧ୍ୟରେ ଗଢ଼ିଉଠିଥିବା କ୍ଲିନିକାଲ ଜ୍ଞାନ ଓ ଅନୁଭୂତିକୁ ସହଯୋଗୀ ସ୍ତ୍ରୀରୋଗ ବିଶେଷଜ୍ଞ ଓ ଚିକିତ୍ସକମାନଙ୍କୁ ପ୍ରଦାନ କରାଯିବ ଯାହାଫଳରେ ଏହା ଘରୋଇ ଭାବେ ରହିବା ପରିବର୍ତ୍ତେ ବ୍ୟାପକ ଚିକିତ୍ସା ସମୁଦାୟର ସେବା କରିପାରିବ। ସେହିପରି ଦକ୍ଷତା ବୃଦ୍ଧିରେ ଅଧିକ ଦମ୍ପତି ପ୍ରଜନନ ଯତ୍ନ ଖୋଜୁଥିବା ବେଳେ ଭାରତକୁ ଆବଶ୍ୟକ ହେଉଥିବା ବିଶେଷଜ୍ଞମାନଙ୍କୁ ପ୍ରଶିକ୍ଷଣ ଦିଆଯିବ।

ଏହି ଏକାଡେମୀ ବୈଜ୍ଞାନିକ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଜାତୀୟ ଓ ଅ'ର୍ଜାତୀୟ ଏକାଡେମିକ ମଂଚଗୁଡ଼ିକରେ ଅଧିକ ସହଭାଗିତାକୁ ଉତ୍ସାହିତ କରିବା ପାଇଁ ଏକ ମଂଚ ଭାବରେ ମଧ୍ୟ କାର୍ଯ୍ୟ କରୁଛି। ଏହି ପ୍ରତିବଦ୍ଧତା ନିକଟରେ ଇଶ୍ରୀ ୨୦୨୬ରେ ପ୍ରତିଫଳିତ ହୋଇଥିଲା ଯେଉଁଠାରେ ଓଏସିସ ଫର୍ଟିଲିଟି ୨୯ଟି ବୈଜ୍ଞାନିକ ପେପର ଉପସ୍ଥାପନ କରିଥିଲା ଯାହା ବିଶ୍ୱ ପ୍ରଜନନ ଚିକିତ୍ସାରେ ସଂସ୍ଥାର ବୃଦ୍ଧିପାଉଥିବା ଯୋଗଦାନକୁ ଦର୍ଶାଉଛି। ଆଜି ପର୍ଯ୍ୟନ୍ତ ଓଏସିସ ଏକାଡେମୀ ୨୫୦ରୁ ଅଧିକ ଚିକିତ୍ସକ ଓ ୨୦୦ରୁ ଅଧିକ ଭ୍ରୂଣବିଜ୍ଞାନୀଙ୍କୁ ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରିଛି ଏବଂ ବିଶେଷ କରି ଟାୟାର ୨ ଓ ଟାୟାର ୩ ଅଂଚଳଗୁଡ଼ିକରେ ବିଶେଷଜ୍ଞ ପ୍ରଶିକ୍ଷଣକୁ ଯଥେଷ୍ଟ ପ୍ରସାରିତ କରିବାକୁ ଲକ୍ଷ୍ୟ ରଖିଛି।

